ଆଜି - ସୋମବାର
ତାରିଖ - ୩୦ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୧୬
ତିଥି - ଦ୍ୱାଦଶୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ମଘା, ସିଂହ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୬: ୦୦
ସୂର୍ଯ୍ୟାସ୍ତ - ୫ : ୪୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି ।"

- ଡ. ଏପିଜେ ଅବ୍ଦୁଲ୍ କଲାମ୍


E-News : www.Ajikali epaper.com

Vol.- 40 ISSUE- 345 R.N.I. REGD. No. 44026/86 ବାଲେଶ୍ୱର ୩୦ ମାର୍ଚ୍ଚ ୨୦୨୬ ସୋମବାର BALASORE 30 MARCH 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# 'ମନ କୀ ବାତ୍'ର ୧୩୨ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ

## ମତ୍ସ୍ୟ ଚାଷରେ ସମ୍ବଲପୁରର ସୁଜାତା ଭୂୟାଁଙ୍କ ସଫଳତା ବିଷୟରେ ଉଲ୍ଲେଖ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । 'ମନ୍ କି ବାତ୍'ରେ ପୁଣିଥରେ ଆପଣ ସମସ୍ତଙ୍କୁ ସ୍ୱାଗତ । ଏହି ମାର୍ଚ୍ଚ ମାସଟି ବିଶ୍ୱସ୍ତରରେ ଅତ୍ୟଧିକ ଗତିବିଧିପୂର୍ଣ୍ଣ ରହିଛି । ଆମ ସମସ୍ତଙ୍କର ମନେଅଛି ଯେ, ଅତୀତରେ ସମଗ୍ର ବିଶ୍ୱ କୋଭିଡ୍ ଯୋଗୁଁ ଦୀର୍ଘଦିନ ଧରି ଅନେକ ସମସ୍ୟା ଦେଇ ଗତି କରୁଥିଲା । ଆମ ସମସ୍ତଙ୍କ ଆଶା ଥିଲା ଯେ, କରୋନା ସଙ୍କଟରୁ ମୁକୁଳିବା ପରେ ବିଶ୍ୱ ନୂତନ ଭାବେ ବିକାଶର ମାର୍ଗରେ ଅଗ୍ରସର ହେବ । କିନ୍ତୁ, ବିଶ୍ୱର ଭିନ୍ନ ଭିନ୍ନ କ୍ଷେତ୍ରରେ କ୍ରମାଗତ ଭାବେ ଯୁଦ୍ଧ ଏବଂ ସଂଘର୍ଷର ପରିସ୍ଥିତି ସୃଷ୍ଟି ହୋଇ ଚାଲିଲା । ବର୍ତ୍ତମାନ ଆମ ଆଖପାଖରେ ମାସେ ଧରି ଭୀଷଣ ଯୁଦ୍ଧ ଚାଲିଛି । ଆମର ଲକ୍ଷ ଲକ୍ଷ ପରିବାରଙ୍କ ସ୍ୱଜନ ଏହି ଦେଶମାନଙ୍କରେ ରହୁଛନ୍ତି । ବିଶେଷକରି ଉପସାଗରୀୟ ଦେଶମାନଙ୍କରେ କାମ କରୁଛନ୍ତି । ମୁଁ ଗଲଫ୍ ଦେଶ ପ୍ରତି ବହୁତ କୃତଜ୍ଞ, ସେମାନେ ଏଭଳି ୧ କୋଟିରୁ ଅଧିକ ଭାରତୀୟଙ୍କୁ ସେଠାରେ ସବୁ ପ୍ରକାର ସହାୟତା ଦେଉଛନ୍ତି । ବନ୍ଧୁଗଣ,ଯେଉଁ ଅଂଚଳରେ ବର୍ତ୍ତମାନ ଯୁଦ୍ଧ ଚାଲିଛି, ସେହି ଅଂଚଳ, ଆମ ଶକ୍ତି ଆବଶ୍ୟକତାର ବଡ଼ କେନ୍ଦ୍ରସ୍ଥଳ ।



ତେଣୁ ଏଥିଯୋଗୁଁ ସାରା ବିଶ୍ୱରେ ପେଟ୍ରୋଲ ଏବଂ ଡିଜେଲକୁ ନେଇ ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଚାଲିଛି । ବିଶ୍ୱର ଅନ୍ୟାନ୍ୟ ଦେଶମାନଙ୍କ ସହ ରହିଥିବା ଆମର ସମ୍ପର୍କ, ଭିନ୍ନ ଭିନ୍ନ ଦେଶମାନଙ୍କରୁ ମିଳୁଥିବା ସହଯୋଗ ଏବଂ ବିଗତ ଏକ ଦଶନ୍ଧିରେ ଗଢ଼ିଉଠିଥିବା ଦେଶର ସାମର୍ଥ୍ୟ ଯୋଗୁଁ ଭାରତ ଏହି ପରିସ୍ଥିତିଗୁଡ଼ିକର କଡ଼ା ମୁକାବିଲା କରୁଛି । ଏହା ନିଶ୍ଚିତ ଭାବେ ଏକ ଆହ୍ୱାନଭରା ସମୟ । ମୁଁ ଆଜି 'ମନ୍ କି ବାତ୍' ମାଧ୍ୟମରେ ସମସ୍ତ ଦେଶବାସୀଙ୍କୁ ପୁଣିଥରେ ଅନୁରୋଧ କରୁଛି ଯେ, ଆମକୁ ଏକଜୁଟ ହୋଇ ଏହି ସମସ୍ୟାରୁ ବାହାରିବାକୁ ହେବ । ଯେଉଁମାନେ ଏହି ପ୍ରସଙ୍ଗକୁ ନେଇ ରାଜନୀତି କରୁଛନ୍ତି, ସେମାନେ ରାଜନୀତି କରିବା ଅନୁଚିତ । ଏହା ଦେଶର ୧୪୦ କୋଟି ଦେଶବାସୀଙ୍କ ହିତ ସହ ଜଡ଼ିତ ବିଷୟ । ଏଥିରେ ସ୍ୱାର୍ଥପୂର୍ଣ୍ଣ ରାଜନୀତିର କୌଣସି ସ୍ଥାନ ନାହିଁ । ଏଭଳି ପରିସ୍ଥିତିରେ ଯେଉଁ ଲୋକମାନେ ଗୁଜବ ସୃଷ୍ଟି କରୁଛନ୍ତି, ସେମାନେ ଦେଶର ବହୁତ ବଡ଼ କ୍ଷତି କରୁଛନ୍ତି । ମୁଁ ସମସ୍ତ ଦେଶବାସୀଙ୍କୁ ମଧ୍ୟ ଅନୁରୋଧ କରିବାକୁ ଚାହୁଁଛି ଯେ ସେମାନେ ସଚେତନ ରୁହନ୍ତୁ, ଗୁଜବ ଦ୍ୱାରା ପ୍ରରୋଚିତ ହୁଅନ୍ତୁ ନାହିଁ । ସରକାରଙ୍କ ତରଫରୁ ନିରନ୍ତର ଭାବେ ଯେଉଁ ସୂଚନାଗୁଡ଼ିକ ଆପଣଙ୍କୁ ଦିଆଯାଉଛି, ତାହା ଉପରେ ବିଶ୍ୱାସ କରନ୍ତୁ । ତାହାରି ଉପରେ ବିଶ୍ୱାସ କରି କୌଣସି ପଦକ୍ଷେପ ଗ୍ରହଣ କରନ୍ତୁ । ପ୍ରତିଥର ଭଳି ଏଥର ମଧ୍ୟ ମୋର ବିଶ୍ୱାସ ଯେ ଦେଶର ୧୪୦ କୋଟି ଦେଶବାସୀଙ୍କ ସାମର୍ଥ୍ୟ ବଳରେ ଯେଉଁଭଳି ଆମେ ପୁରୁଣା ସଙ୍କଟକୁ ପରାସ୍ତ କରିଥିଲୁ ଏଥର ମଧ୍ୟ ଆମେ ସମସ୍ତେ ମିଶି ଏହି କଠିନ ପରିସ୍ଥିତିରୁ ବହୁତ ଭଲ ଭାବେ ମୁକୁଳିପାରିବା । ଭାରତର ଶକ୍ତି ଏହାର କୋଟି କୋଟି ଲୋକଙ୍କ ମଧ୍ୟରେ ନିହିତ । ଆଜି 'ମନ୍ କି ବାତ୍'ରେ ଗୋଟିଏ ଏଭଳି ପ୍ରଚେଷ୍ଟା ବିଷୟରେ ଜଣାଇବାକୁ ଚାହୁଁଛି, ଯାହା ଦେଶବାସୀଙ୍କ ଜନଭାଗିଦାରୀର ଭାବନାକୁ ପ୍ରଦର୍ଶିତ କରୁଛି, ଏହି ପ୍ରଚେଷ୍ଟା ହେଉଛି – ଜ୍ଞାନ ଭାରତମ୍ ସର୍ଭେ, ଯାହାର ସମ୍ପର୍କ ଆମର ମହାନ ସଂସ୍କୃତି ଏବଂ ସମୃଦ୍ଧ ଐତିହ୍ୟ ସହ ରହିଛି । ଏହାର ଉଦ୍ଦେଶ୍ୟ ହେଉଛି ସାରା ଦେଶରେ ରହିଥିବା ପାଣ୍ଡୁଲିପିଗୁଡ଼ିକ ସମ୍ପର୍କରେ ସୂଚନା ଏକତ୍ରିତ କରିବା । ଏହି ସର୍ଭେ ସହିତ ଯୋଡ଼ିହେବାର ଗୋଟିଏ ମାଧ୍ୟମ ହେଉଛି ଜ୍ଞାନ ଭାରତମ୍ ଆପ୍ । ଆପଣଙ୍କ ପାଖରେ ଯଦି କୌଣସି ପାଣ୍ଡୁଲିପି ରହିଛି, କିମ୍ବା ତତସମ୍ପର୍କରେ କୌଣସି ସୂଚନା ରହିଛି, ତେବେ ଏହାର ଫଟୋଚିତ୍ର ଜ୍ଞାନ ଭାରତମ୍ ଆପରେ ନିଶ୍ଚିତ ଭାବେ ଶେୟାର୍ କରନ୍ତୁ । ପ୍ରତ୍ୟେକ ପ୍ରବେଶ ସହ ଜଡ଼ିତ ସୂଚନାକୁ ଲିପିବଦ୍ଧ କରାଯିବା ପୂର୍ବରୁ ଏହାକୁ ସୁନିଶ୍ଚିତ କରାଯାଉଛି । ଏଯାବତ୍ ଅନେକ ବ୍ୟକ୍ତି ହଜାର ହଜାର ପାଣ୍ଡୁଲିପି ଏଥିରେ ଶେୟାର୍ କରିସାରିଲେଣି । ଉଦାହରଣ ସ୍ୱରୂପ, ଅରୁଣାଚଳ ପ୍ରଦେଶର ନାମସାଇ'ର ଚାଓ ନନ୍ତିସିନ୍ଧ ଲୋକାଙ୍ଗ, ତାଇ ଲିପିରେ ରହିଥିବା ପାଣ୍ଡୁଲିପି ଶେୟାର କରିଛନ୍ତି । ଅମୃତସରର ଭାଇ ଅମିତ ସିଂ ରାଣା, ଗୁରୁମୁଖୀ ଲିପିରେ ଲେଖାଥିବା ପାଣ୍ଡୁଲିପି ଶେୟାର କରିଛନ୍ତି । ଏହା ଆମର ମହାନ ଶିଖ୍ ପରମ୍ପରା ଏବଂ ପଞ୍ଜାବୀ ଭାଷା ସହ ସଂଲଗ୍ନ ଲିପି । କିଛି ସଂସ୍ଥା ତାଳପତ୍ରରେ ଲେଖାହୋଇଥିବା ପାଣ୍ଡୁଲିପି ଦେଇଛନ୍ତି ।

# 'ମନ୍ କୀ ବାତ୍'ରେ ଓଡ଼ିଆ ଝିଅଙ୍କୁ ପ୍ରଶଂସା କରିଥିବାରୁ

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମନ୍ କୀ ବାତରେ ଓଡ଼ିଆ ମତ୍ସ୍ୟ ଉଦ୍ୟୋଗୀ ସୁଜାତା ଭୂୟାଁଙ୍କୁ ପ୍ରଶଂସା କରିଥିବାରୁ ପିଏମ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ତାଙ୍କର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ସମ୍ବଲପୁରର ସଫଳ ମହିଳା ମତ୍ସ୍ୟ ଉଦ୍ୟୋଗୀ ଶ୍ରୀମତୀ ସୁଜାତା ଭୂୟାଁଙ୍କ ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଏହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଏକ ଗୌରବର ବିଷୟ । ଶ୍ରୀମତୀ ଭୂୟାଁ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ର ସଦୁପଯୋଗ କରି ହୀରାକୁଦ ଜଳଭଣ୍ଡାରରେ 'କେଜ୍ କଲ୍‌ଚର' ମାଧ୍ୟମରେ ମାଛ ଚାଷ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ବାର୍ଷିକ ପ୍ରାୟ ୨୫ ରୁ ୩୦ ମେଟ୍ରିକ ଟନ୍ ମାଛ ଉତ୍ପାଦନ ସହ ୮ ରୁ ୧୦ ଲକ୍ଷ ଟଙ୍କା ଆୟ କରି ସେ ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ।ଜଣେ ଗୃହିଣୀରୁ ସ୍ୱାବଲମ୍ବୀ ଉଦ୍ୟୋଗୀ ପାଲଟିଥିବା ସୁଜାତାଙ୍କ ଏହି ପ୍ରେରଣାଦାୟୀ ଯାତ୍ରା ରାଜ୍ୟର ଅନ୍ୟ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ନିଶ୍ଚିତ ଭାବେ ଉତ୍ସାହିତ କରିବ । ତାଙ୍କର ଏହି ନିରନ୍ତର ଉଦ୍ୟମ ଓ ସଫଳତା ପାଇଁ ତାଙ୍କୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ।

## ଅଳ୍ପରେ ଖବର

- ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଓଏସଡି ମଧ୍ୟ ରହିବେ ।
- ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ଜନଜାତି ଜନନାୟକ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
- ଆସାମ ବିଧାନସଭା ନିର୍ବାଚନରେ ପ୍ରଚାର ପାଇଁ କଂଗ୍ରେସ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଆସାମ ଗସ୍ତକୁ ନେଇ ମୁଖ୍ୟମନ୍ତ୍ରୀ ଡ଼ଃ ହିମନ୍ତ ବିଶ୍ୱ ଶର୍ମା ରବିବାର କଡା ଟିପ୍ପଣୀ କରିଛନ୍ତି ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ପୋରବନ୍ଦରରେ ଅନୁଷ୍ଠିତ ହେଉଥିବା ମାଧବପୁର ମେଳା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ, ଏହି ମହୋତ୍ସବ ଭାରତର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶନ କରେ ଏବଂ ଗୁଜରାଟ ଏବଂ ଉତର-ପୂର୍ବାଂଚଳ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ମଜବୁତ କରେ ।

# ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ବାର୍ତ୍ତା ଓଡ଼ିଶାର ନାରୀ ଓ ଯୁବ ସମାଜକୁ ପ୍ରେରିତ କରିବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର : ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି 'ମନ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ସମ୍ବଲପୁର ଓ କେନ୍ଦ୍ରାପଡ଼ାର ଦୁଇ ପ୍ରତିଭାଙ୍କ ସଫଳତାକୁ ସମଗ୍ର ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗର୍ବର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ 'କେଜ୍ କଲ୍‌ଚର' ମାଧ୍ୟମରେ ମାଛ ଚାଷ କରି ସଫଳତା ପାଇଥିବା ଶ୍ରୀମତୀ ସୁଜାତା ଭୂୟାଁଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଶ୍ରୀମତୀ ଭୂୟାଁ ଏହି ବ୍ୟବସାୟ କରି ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟ ମହିଳାମାନଙ୍କ ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସାଜିଛନ୍ତି । ଗୃହିଣୀରୁ ଜଣେ ସଫଳ ଉଦ୍ୟୋଗୀ ଭାବେ ତାଙ୍କର ଏହି ଯାତ୍ରା ନାରୀ ସମାଜକୁ ପ୍ରେରିତ କରିବ । ସେହିପରି 'ମାଏ



ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬'ରେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଯୁବ ପ୍ରତିଭା ଓମ ପ୍ରକାଶ ରଥଙ୍କ ସଫଳତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଦେଶର ନୀତି ନିର୍ଦ୍ଧାରଣରେ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ 'ମାଏ ଭାରତ ବଜେଟ୍ କ୍ୱେଷ୍ଟ' ଏକ ଅନନ୍ୟ ପ୍ରୟାସ । 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବା ତଥା ମହିଳା ନେତୃତ୍ୱାଧୀନ ବିକାଶକୁ ଆଗେଇ ନେବାରେ ଓମ ପ୍ରକାଶ ରଥଙ୍କ ଭଳି ଯୁବପିଢ଼ିଙ୍କ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ପ୍ରତ୍ୟେକଟି ପ୍ରୟାସ ଦେଶର ଭବିଷ୍ୟତ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରିବ । ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ ବେଙ୍ଗାଲୁରୁର 'ପ୍ରୟୋଗ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ରିସର୍ଚ୍ଚ'ର କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । 'ଅନ୍ୱେଷଣ' ମାଧ୍ୟମରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଏବଂ ଗବେଷଣାଭିତିକ ଶିକ୍ଷାଦାନ 'ବିକଶିତ ଭାରତ' ଗଠନ ଦିଗରେ ଏକ ବଡ଼ ପଦକ୍ଷେପ । ଜାତୀୟ ଶିକ୍ଷା ନୀତି ଅଧୀନରେ ଖେଳକୁ ଶିକ୍ଷା ସହ ସମାନ ଗୁରୁତ୍ୱ ଦିଆଯାଉଛି । 'ଅସ୍ମିତା ଆଥଲେଟିକ୍ସ ଲିଗ୍'ରେ ୨ ଲକ୍ଷରୁ ଅଧିକ ମହିଳାଙ୍କ ଅଂଶଗ୍ରହଣ ଏବଂ ଗୁଲମର୍ଗର 'ଖେଲୋ ଇଣ୍ଡିଆ ୱିଂଟର ଗେମ୍ସ' ଦେଶର କ୍ରୀଡ଼ା ଜଗତରେ ଏକ ନୂଆ ଯୁଗର ସୂଚନା ଦେଉଛି । "ଯୋ ଖେଲେଗା, ୱୋ ଖିଲେଗା" ମନ୍ତ୍ରରେ ଆଜି ଭାରତର ଯୁବଶକ୍ତି ଆଗକୁ ବଢ଼ୁଛନ୍ତି ବୋଲି ଶ୍ରୀ ପ୍ରଧାନ ନିଜ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ।

# ଆସାମର ଶୋଣିତପୁରରେ ନିର୍ବାଚନୀ ସଭାକୁ ସମ୍ବୋଧିତ କଲେ ଅମିତ ଶାହ

ଶୋଣିତପୁର : ଆସାମକୁ ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିନ ରବିବାର କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଶୋଣିତପୁରରେ ଏକ ଜନସଭାରେ କଂଗ୍ରେସ୍ ଉପରେ ତାଙ୍କ ଆକ୍ରମଣକୁ ଆହୁରି କଡା କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଏହି ଦଳ ଐତିହାସିକ ଭାବରେ ତାର ନୀତି ମାଧ୍ୟମରେ ରାଜ୍ୟରେ ବେଆଇନ ଅନୁପ୍ରବେଶକୁ ପ୍ରୋତ୍ସାହନ ଦେଇଆସିଛି ଏବଂ ବର୍ତ୍ତମାନ କେନ୍ଦ୍ର ସରକାର ନେଉଥିବା ସୁଧାରମୂଳକ ପଦକ୍ଷେପକୁ ବିରୋଧ କରୁଛି । ସଭାକୁ ସମ୍ବୋଧନ କରି କେନ୍ଦ୍ରୀୟ ଗୃହମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସ୍ ସରକାର 'ଅବୈଧ ପ୍ରବାସୀ (ଟ୍ରିବ୍ୟୁନାଲ ଦ୍ୱାରା ନିର୍ଦ୍ଧାରଣ) ଆଇନ' (ଆଇଏମଡିଟି) କେବଳ ଏହି କାରଣରେ ତିଆରି କରିଥିଲା ଯେ, ଆସାମରେ ଅନୁପ୍ରବେଶକୁ ବଢ଼ାଇପାରିବ । ସେ ବେଆଇନ ପ୍ରବାସୀମାନଙ୍କୁ ଚିହ୍ନଟ କରି ତାଙ୍କୁ ବାହାର କରିବା ପାଇଁ କେନ୍ଦ୍ର ସରକାରର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରି କହିଛନ୍ତି ଯେ, ଏହା ସରକାର ପାଇଁ ସଦାରଣତଃ ଏକ ପ୍ରାଥମିକତା ଥିଲା । ସମଗ୍ର ଦେଶରେ ଚାଲିଥିବା ବିଶେଷ ଗହନ ପୁନରୀକ୍ଷଣ (ଏସଆଇଆର) ଅଭିଯାନର



ଉଲ୍ଲେଖ କରି ସେ କଂଗ୍ରେସ୍‌ର ଶୀର୍ଷ ନେତୃତ୍ୱ ଉପରେ ଏହି ପ୍ରକ୍ରିୟାକୁ ବିରୋଧ କରୁଥିବାର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ଏପରି ବିରୋଧ ଦ୍ୱାରା ବେଆଇନ ଅନୁପ୍ରବେଶ ବିଷୟରେ କଂଗ୍ରେସ୍‌ର ମନୋଭାବ ଉପରେ ଅନେକ ପ୍ରଶ୍ନ ଉଠୁଛି । ଆସାମ କଂଗ୍ରେସ୍‌ର ନେତା ଏବଂ ଲୋକସଭା ସାଂସଦ ଗୌରବ ଗୋଗୋଇଙ୍କୁ ଟାର୍ଗେଟ କରି ଅମିତ ଶାହ ତାଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ, ସେ ରାଜ୍ୟର ଲୋକମାନଙ୍କ ସମ୍ମୁଖରେ ନିଜ ମତ ସ୍ପଷ୍ଟ କରନ୍ତୁ । ସେ କହିଛନ୍ତି, ଦି ଗୌରବ ଗୋଗୋଇ ଏଠାକୁ ଆସନ୍ତି, ତେବେ ତାଙ୍କୁ ପଚାରନ୍ତୁ ଯେ ସେ ଏସଆଇଆରକୁ ବିରୋଧ କାହିଁକି କରୁଛନ୍ତି । ସେମାନେ ସ୍ପଷ୍ଟ କରିବା ଉଚିତ ଯେ, ସେ ଅନୁପ୍ରବେଶକାରୀଙ୍କ ପକ୍ଷରେ ଅଛନ୍ତି କି ଏହା ବିରୋଧରେ ।

# ନକ୍ସଲଙ୍କୁ ଆତ୍ମସମର୍ପଣ କରିବାକୁ ଅପିଲ୍ କଲେ ଡିଜିପି

କନ୍ଧମାଳ : ଫୁଲବାଣୀରେ ମାଓ ସ୍ଥିତି ସମୀକ୍ଷା କରିଛନ୍ତି ଓଡ଼ିଶା ପୁଲିସ ଡିଜି ୱାଇ.ବି ଖୁରନିଆ । ସ୍ଥିତି ସମୀକ୍ଷା କରି ୱାଇ.ବି ଖୁରନିଆ କହିଛନ୍ତି, ଡେଡଲାଇନ୍ ପୂରଣ ହେବାକୁ ଆଉ ମାତ୍ର ୨ ଦିନ । ଯଦି ଏହି ସମୟ ମଧ୍ୟରେ ସରେଣ୍ଡର ନକରନ୍ତି । ତେବେ ସୁରକ୍ଷାକର୍ମୀଙ୍କୁ ସାମ୍ନା କରିବାକୁ ପଡ଼ିବ । ପୁଲିସ ରିଜର୍ଭ ଅଫିସରେ ଡିଜିଙ୍କ ସହ ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି SIW ଅଖିଳେଶ୍ୱର ସିଂ, ଆଇଜି ଅପରେସନ ଦୀପକ କୁମାର,



କନ୍ଧମାଳ ଏସପି ହରିଶ ବି. ସି, SOG କମାଣ୍ଡେଂଟ ଆଶିଷ ସରକାର, ଉଜଚର୍ ଏବଂ BSF ର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବୈଠକ ଶେଷ ପରେ ପୁଲିସ ଡିଜି କହିଛନ୍ତି ଯେ, ଦେଶକୁ ମାଓ ମୁକ୍ତ କରିବାକୁ ଡେଡ୍‌ଲାଇନ୍ ତାରିଖ ପୂରଣ ହେବାକୁ ଆଉ ଦୁଇ ଦିନ ବାକି ରହିଛି । ଏସବୁ ମଧ୍ୟରେ କନ୍ଧମାଳ ଜିଲ୍ଲାରେ କିଛି ମାଓବାଦୀମାନେ ରହିଛନ୍ତି । ତେଣୁ ସେମାନଙ୍କୁ କିଭଳି ଧରାଯିବ, ସେନେଇ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି । ଗତ ବର୍ଷକ ମଧ୍ୟରେ ୭୭ ମାଓବାଦୀ ସରଣ୍ଡେର କରିଛନ୍ତି । ବାକି ୨୭ ଜଣ ଏନ୍‌କାଉଂଟରରେ ନିହତ ହୋଇଛନ୍ତି । ଗତ ଜାନୁଆରୀ ୨୫ରେ ୧୭ ଜଣ ନିପାତ ହୋଇଥିଲେ । ରିଆବନ୍ଧ ସୀମାନ୍ତ ଅପରେସନ୍ରେ ୧୭ ଜଣ ନିପାତ । ଓଡ଼ିଶାରେ ସିଙ୍ଗଲ ଡିଜିଟ୍‌କୁ ଖସିଛି ମାଓବାଦୀଙ୍କ ସଂଖ୍ୟା । କନ୍ଧମାଳ -ରାୟଗଡ଼ା- କଳାହାଣ୍ଡିରେ କିଛି ନକ୍ସଲ ଅଛନ୍ତି । ତେଣୁ ଡେଡ୍‌ଲାଇନ୍ ଶେଷ ହେବା ପୂର୍ବରୁ ମାଓବାଦୀମାନେ ସରେଣ୍ଡର କରିଦିଅନ୍ତୁ । ନହେଲେ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ସାମ୍ନା କରିବାକୁ ପଡ଼ିବ ।

# ଆଗାମୀ ୫ଦିନ ରାଜ୍ୟରେ ବର୍ଷା ସମ୍ଭାବନା !

## ବିଜୁଳି ଘଡ଼ଘଡ଼ି ସହ ବର୍ଷା ଏବଂ ୩୦ ରୁ ୪୦ କିମି ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର : ରାଜ୍ୟରେ ଖରା, ଗରମ ଗୁଳୁଗୁଳି ଅନୁଭୂତ ହେଉଛି । କାଁଭାଁ କୋହଲିଆ ପାଗ ରହିଥିବା ବେଳେ ଆହୁରି ୫ ଦିନ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉତର ଓଡିଶା ଓ ପାର୍ଶ୍ୱବର୍ତ୍ତି ଅଂଚଳରେ ଘୁର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ ଏହାର ପ୍ରଭାବରେ ରାଜ୍ୟରେ ୫ଦିନ ଯାଏ ବଜ୍ରପାତ ସହ ପବନ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟାରେ କୋରାପୁଟ, ମାଲକାନଗିରି, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୩୦ ରୁ ୪୦କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଆସନ୍ତାକାଲି କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ ଓ କେନ୍ଦୁଝର ଏହି ୪ଜିଲ୍ଲାରେ ବିଜୁଳି



ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ ୩୦ ରୁ ୪୦ କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏପ୍ରିଲ ୨ତାରିଖ ଯାଏଁ ବିଜୁଳି ଘଡଘଡି ସହ ବର୍ଷା ବଜ୍ରପାତର ସମ୍ଭାବନା ଥିବାବେଳେ କିଛି ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ୩ ସହରରେ ୩୯ ଡିଗ୍ରୀ ତାପମାତ୍ରା ସହ ଟିଟିଲାଗଡରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ତାତିର ତାଉରେ ସିଝୁଛି ପଶ୍ଚିମ ଓଡ଼ିଶା । ବର୍ଦ୍ଧିତ ତାପମାତ୍ରାକୁ ନେଇ ୨ ଦିନ ମଧ୍ୟରେ ତାପମାତ୍ରା ୪୨ଡିଗ୍ରୀ ଛୁଇଁପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ । କାରଣ ୪୦ଡିଗ୍ରୀ ଉପରେ ବର୍ତ୍ତମାନର ତାପମାତ୍ରା ରହିଥିବାବେଳେ ଆଗାମୀ ୨ଦିନରେ ଦିନର ତାପମାତ୍ରା ୨ ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି । ଏହାକୁ ନେଇ ରାଜ୍ୟରେ ୨ ଦିନ ମଧ୍ୟରେ ତାପମାତ୍ରା ୪୨ ରୁ ୪୩ ଡିଗ୍ରୀ ଛୁଇଁବ ବୋଲି ଆକଳନ କରିଛି ବିଭାଗ । ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଓଡ଼ିଶା ଉପକୂଳକୁ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହୁଛି । ୪ ଯାଏଁ ତାପମାତ୍ରା ବଢ଼ି ପାରେ । ୪୦ ଯାଏଁ ତାପମାତ୍ରା ବୃଦ୍ଧି ସମ୍ଭାବନା ରହୁଛି । କାଳବୈଶାଖୀ ପ୍ରଭାବ ଉପକୂଳରେ ଅଧିକ ରହିଛି । ଅଧିକାଂଶ ମୟୂରଭଞ୍ଜ,କେଉଁଝର , ବାଲେଶ୍ୱର , ଯାଜପୁର, ଅନୁଗୁଳ, କନ୍ଧମାଳରେ ବିଶେଷ ପ୍ରଭାବ ରହି ପାରେ । ସେପଟେ ଗତ ୨୪ଘଂଟାରେ ୪ ଟି ସ୍ଥାନରେ ବର୍ଷା ହୋଇଥିବାବେଳେ କନ୍ଧମାଳ କେ ନୂଆଗାଁରେ ସର୍ବାଧିକ ୧୧ମିମି ବର୍ଷା ରେକର୍ଡ ହୋଇଛି ।





## ବାଲେଶ୍ୱର ବାର୍ ଫଳାଫଳ

# ମନୋଜ ନାୟକ ସଭାପତି, ସମ୍ବିତ ନନ୍ଦି ସଂପାଦକ

ବାଲେଶ୍ୱର : (ନିପ୍ର) ପ୍ରକାଶ ପାଇଲା ବାଲେଶ୍ୱର ବାର୍ ନିର୍ବାଚନର ଫଳାଫଳ । ନିର୍ବାଚନ ଅଧିକାରୀ କାର୍ତିକ ପ୍ରସାଦ ସି ଏକ ପ୍ରେସ ବିବୃତିରେ ସୂଚନା ଦେଇ କହିଛନ୍ତି କି- ନୂତନ ବାର୍ ସଭାପତି ଭାବେ ୬୫୮ ଖଣ୍ଡ ଭୋଟ୍ ପାଇ ମନୋଜ ନାୟକ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ପଦରେ ରଂଜିତ ପଣ୍ଡା ୬୯୪ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ସେହିପରି ସଂପାଦକ ଭାବେ ୬୧୫ ଖଣ୍ଡ ଭୋଟ ପାଇ ସମ୍ବିତ କୁମାର ନନ୍ଦି ନିର୍ବାଚିତ ହୋଇଥିବା ବେଳେ ସହକାରୀ ସଂପାଦକ ଭାବେ ଜିତେନ୍ଦ୍ର କୁମାର ଉପାଧ୍ୟାୟ ୬୪୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ସେହିପରି ସୌରୀ ଶଙ୍କର ପରିଡ଼ା ୬୦୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । କୋଷାଧକ୍ଷ ଭାବେ ଶିବଶଙ୍କର ପଣ୍ଡା ୭୧୬ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ସହକାରୀ କୋଷାଧକ୍ଷ ଭାବେ ବାସନ୍ତୀ ସାହୁ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ କମିଟିକୁ ଅକ୍ଷୟ କୁମାର ପାତ୍ର, ଅମନ କୁମାର ବେହେରା, ଭରତ ଲେଙ୍କା, ବିଜୟ କୁମାର ମଲ୍ଲିକ, ପ୍ରଭାତ କୁମାର ଖଣ୍ଡେଲୱାଲ, ଦେବାଶିଷ ପାତ୍ର, ଧିରେନ୍ଦ୍ର କୁମାର ବିଶ୍ର, ଗୌତମ କୁମାର ଦାସ, ଦିଗମ୍ବର ମିଶ୍ର, ଗୀତାଂଜଳି ପାଢ଼ୀ, ହେମଲତା ମହାପାତ୍ର, କୃଷ୍ଣମୋହନ ବେହେରା, ମହେଶ ନାରାୟଣ ପ୍ରହରାଜ ପ୍ରମୁଖ ନିର୍ବାଚିତ ହୋଇଥିବା ଜଣାପଡ଼ିଛି ।

# ଓଡ଼ିଶା ଅସ୍ମିତାର ପ୍ରତୀକ 'ମୁଢ଼ି'

## ବାଲେଶ୍ୱର 'ଫ୍ୟୁଚର' ପକ୍ଷରୁ ବିଶ୍ୱ ମୁଢ଼ି ଦିବସ ପାଳିତ

ବାଲେଶ୍ୱର : (ନିପ୍ର) ଓଡ଼ିଶା ଅସ୍ମିତାର ପ୍ରତୀକ ମୁଢ଼ି ଏକ ଖାଦ୍ୟ ଭାବରେ ସାରା ବିଶ୍ୱରେ ଏବେ ପରିଗଣିତ । ଯଦି ମୁଢ଼ି ଘରେ ନାହିଁ ତେବେ ସାଧାରଣ ବ୍ୟକ୍ତିର ଅସନ୍ତୋଷ କହିଲେ ନସରେ । ଆସନ୍ତୁ ଜାଣିବା : ଚୁଡା-ମୁଢ଼ି, ମୁଢ଼ି -ନଡ଼ିଆକୋରା, କ୍ଷୀର -ମୁଢ଼ି, କଦଳୀ- ମୁଢ଼ି, ଦହି -ମୁଢ଼ି, ଆଳୁକଷା-ମୁଢ଼ି, ଭୁଗୁନି-ମୁଢ଼ି, ମୁଢ଼ି- ମାଂସ, ପୋସ୍ତ-ମୁଢ଼ି, ପଣସ-ମୁଢ଼ି, ମୁଢ଼ି-ଆଳୁଚପ୍, ମୁଢ଼ି- କାକୁଡ଼ି-ପିଆଜ- ନଡ଼ିଆ- ବିଲାତି-ଗାଂଟିଆ, ମୁଢ଼ି- ଖଟାଚୋରାଣି, ମୁଢ଼ି- ଆଳୁଭଜା, ସୋରିଷତେଲ-ମୁଢ଼ି, ରସୁଣ-ମୁଢ଼ି, ବୁନ୍ଦିଆ-ମୁଢ଼ି, ଛେନା-ମୁଢ଼ି, ଲଡୁ-ମୁଢ଼ି, ପତଳା ସୁଜି-ମୁଢ଼ି, ପଂଚାମୃତ-ମୁଢ଼ି, ବୁଟଡାଲି-ମୁଢ଼ି, ହରଡ଼ଡାଲି-ମୁଢ଼ି, ମସୁରଡାଲି -ମୁଢ଼ି, କ୍ଷୀରି




-ମୁଢ଼ି, ଚେନାଚୁର -ମୁଢ଼ି, ପକୁଡ଼ି- ପିଆଜି-ମୁଢ଼ି, ଜଲପି-ମୁଢ଼ି ଇତ୍ୟାଦି ଖାଦ୍ୟର ଚାହିଦା ଏବେ ବି ଓଡ଼ିଶାବାସୀଙ୍କ ଘରେଘରେ ପରିଚିତ ଏହି ମୁଢ଼ି । କାରଣ ଆଳୁ ଭଳି ମୁଢ଼ି ମିଶ୍ରଣ ଅନ୍ୟାନ୍ୟ ସାମଗ୍ରୀ ସହିତ ସାରା ବିଶ୍ୱରେ ପରିଚିତ । କାରଣ ଏବେ ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କ ମଧ୍ୟରୁ ପାଖାପାଖି ୨୦ କୋଟି ଲୋକ ଆନ୍ତର୍ଜାତିକ କ୍ଷେତ୍ରରେ ଭାରତବର୍ଷ ଭଳି ଅନ୍ୟାନ୍ୟ ଦେଶରେ ବସବାସ କରି ଓଡ଼ିଆ ଅସ୍ମିତାର ପ୍ରତୀକ ମୁଢ଼ିକୁ ପରିଚିତ କରାଇବାରେ କେବେ ବି ପଛଘୁଂଚା ଦେଇ ନାହାଁନ୍ତି । ତା'ର ପ୍ରଭାବ ବାଲେଶ୍ୱରରେ ଦେଖିବାକୁ ମିଳିଛି । ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ୨୯ ତାରିଖ ପୂର୍ବାହ୍ନ ୯ ଘଟିକା ସମୟରେ ବାଲେଶ୍ୱର କ୍ଷେସନକ୍ଲବ ପରିସରରେ ବିଶ୍ୱ ମୁଢ଼ି ଦିବସ ଫ୍ୟୁଚର ବାଲେଶ୍ୱରର ମୁଖ୍ୟ ଆଇନଜୀବୀ ବିଜୟ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମଂଚାସୀନ ଅତିଥି ଭାବେ ଡକ୍ଟର ରାଧା ରଂଜନ ପଟ୍ଟନାୟକ, ଡକ୍ଟର ଶ୍ରଦ୍ଧାଂଜଳି ରାୟ, ଶିକ୍ଷାବିତ୍ ନିବେଦିତା ଦାସ, ଧ୍ୱନିପ୍ରତିଧ୍ୱନିର ସଂପାଦିକା ସୌରେନ୍ଦ୍ରୀ ସାହୁ, ଜେଜେର ଅନ୍ୟତମ ମୁଖ୍ୟ ଯାଦବେଶ ମିଶ୍ର, ସମାଜସେବୀ ବିଚିତ୍ରାନନ୍ଦ ଦାସ, ସୃଷ୍ଟିଧର ପରିଡ଼ା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଯୋଗ ଦେଇ ଜୀବନ ଜୀଇଁବା ପାଇଁ ଜଳର ଆବଶ୍ୟକତା ଯେତିକ, ଦୀନଦରିଦ୍ର ଠାରୁ ଆରମ୍ଭ କରି ଧନୀ ଲୋକ ଘରେ ସର୍ବସାଧାରଣଙ୍କ ଖାଦ୍ୟ ମୁଢ଼ି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# ଭୂଜାଖିଆ ପୀର ବାବାଙ୍କ ବାର୍ଷିକ ଉତ୍ସବ ଆସନ୍ତା ୮ରୁ



ବାଲେଶ୍ୱର : (ନିପ୍ର) ବିଶ୍ୱପ୍ରସିଦ୍ଧ ବାବା ଭୂଜାଖିଆ ପୀରଙ୍କ ୮୨ତମ ବାର୍ଷିକ ଉତ୍ସବ ଆସନ୍ତା ୦୮.୦୪.୨୬ ରିଖ ଠାରୁ ତା ୧୦.୦୪.୨୬ ରିଖ ପର୍ଯ୍ୟନ୍ତ ସୁପରିଚାଳନା, ଶାନ୍ତିଶୃଙ୍ଖଳା ରକ୍ଷା, ଜିଲ୍ଲାପ୍ରଶାସନ, ଶାନ୍ତି କମିଟି, ସ୍ଥାନୀୟ ସହାୟତାକାରୀ ବ୍ୟକ୍ତି ବିଶେଷଙ୍କ ସହଯୋଗରେ ଅନୁଷ୍ଠିତ ହେବ ବୋଲି ୨୯ ତାରିଖ ଦିନ ପୂର୍ବାହ୍ନରେ ବାବା ଭୂଜାଖିଆ ପୀରଙ୍କ ପରିଚ୍ଳେନା କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେକ୍ ଜହିରୁଦ୍ଦିନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସମ୍ମିଳନୀରେ ସାଇରୁଲ ହକ୍, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ବିପ୍ଳବ କୁମାର ମହାନ୍ତି, ସେକ୍ ଆୟୁବ୍, ହାଇଦର ଖାନ୍, ଅଜଗର ଅଲ୍ଲୀ, ଟାଉନ ଥାନା ଅଧିକାରୀ ବିଜୟ ଦାସ, ଭାଗବତ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ସଫେଇ, ବିଜୁଳି, ପାନୀୟ ଜଳ ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ ପାଇଛି ।

# କଳା କଳାକଳ୍ପିତ ନାଟ୍ୟାନୁଷ୍ଠାନର ବାର୍ଷିକ ଉତ୍ସବ

## ନାଟକ "ନିଷ୍ଠୁର ପ୍ରତିଶୃତି" ମନ ମୋହିଲା

ବାଲେଶ୍ୱର ( ନିପ୍ର) : ବାଲେଶ୍ୱର ସହରର ପାତ୍ରପଡ଼ା ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୫୬ ତମ ବାସନ୍ତୀ ପୂଜା ମହୋତ୍ସବ ସହ କଳାକଳ୍ପିତ ନାଟ୍ୟାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍ଘାଟକ ତାହା ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଯୋଗଦେଇ ଦୀର୍ଘ ୫୬ ବର୍ଷ ତଳେ ବାସନ୍ତୀ ପୂଜା ଆରମ୍ଭ ସହ ନାଟକ କରିବାର ଅନୁଭୂତି ଉପରେ ଟିପ୍ପଣୀ ରଖିଥିଲେ । ବିଶେଷକରି ନାଟକ ଓ କଳାକୁ ବଂଚାଇ ରଖିଥିବାରୁ ଶ୍ରୀ ମହାପାତ୍ର କଳାକଳ୍ପିତ ନାଟ୍ୟ ଅନୁଷ୍ଠାନକୁ ଧନ୍ୟବାଦ୍ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାଂସଦ ରବୀନ୍ଦ୍ର




ଜେନା ଯୋଗଦେଇ ମା ଦୁର୍ଗାଙ୍କୁ ପ୍ରଣାମ କରି ପାତ୍ରପଡ଼ା ଅଂଚଳର ଲୋକେ କିପରି ନାଟକକୁ ବଂଚାଇ ରଖିଛନ୍ତି ତାହା ଉପରେ କହିଥିଲେ । ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଏସପି ନିରଞ୍ଜନ ବେହେରା ଯୋଗଦେଇ ଓଡ଼ିଶାରେ ନାଟ୍ୟକଳାର ସମ୍ୟକ ଆଲୋଚନା କରିବା ସହ ଜୀବନ ଭିତରେ ନାଟକ ଓ ନାଟକ ସହ ଜୀବନ କିପରି ଜଡ଼ିତ ତାହା ଉପରେ ବିଶଦ କଥା କରିଥିଲେ । ତାସହ ସମାଜକୁ ଶିକ୍ଷା ଓ ସଂସ୍କାର ଆଣିବା କ୍ଷେତ୍ରରେ ନାଟକ ପରିବେଷଣ ହେବା ସହ ସଚେତନ ଉପରେଭୋରଗଧ ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ପଣ୍ଡିତ ମନ୍ମଥ ମିଶ୍ର , ବରିଷ୍ଠ ଆଇନଜୀବି ସାହିରୁଲ୍ ହକ , ସମାଜସେବୀ ବେଣୁଧର ଦାସ , ଗୀତିକାର ପୂର୍ଣ୍ଣେନ୍ଦୁ ମହାପାତ୍ର , ଫକିରମୋହନ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ କଳାକୁ ବଂଚାଇ ରଖିବାରେ ଯୁବ ପିଢ଼ିର ପ୍ରୟାସକୁ ସାଧୁବାଦ ଦେଇଥିଲେ । ଅନୁଷ୍ଠାନର ଉପ ସଭାପତି ଚିନ୍ମୟ ବିଶ୍ୱାଳଙ୍କ ଅଧକ୍ଷତାରେ ସମ୍ପାଦକ ରାଜେନ୍ଦ୍ର ରାଉତ ଅତିଥି ପରିଚୟ ସହ ଅନୁଷ୍ଠାନ ବାବଦରେ ନିଜକଥା ରଖିଥିଲେ । ଏହି ଅବସରରେ ମହିଳା ନାଟ୍ୟକାର ତଥା ନିର୍ଦ୍ଦେଶିକା ମୀନ କୁମାରୀ ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ନାଟ୍ୟଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ପରିଶେଷରେ ନାଟ୍ୟକାର ସୁଶାନ୍ତ ଦାସଙ୍କ ରଚନା ଓ ଜୟନ୍ତ କୁମାର ପାଣିଙ୍କ ନିର୍ଦ୍ଦେଶନାରେ ନାଟକ ନିଷ୍ଠୁର ପ୍ରତିଶୃତି ମଂଚ ହୋଇଥିଲା । କାର୍ଯ୍ୟକ୍ରମରେ ବେଣୁଧର ଦାସ ଧନ୍ୟବାଦ ଦେଇଥିଲେ ।

# 'ସ୍ରଷ୍ଟା' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ

## ମଂଚସ୍ଥ ହେଲା ନାଟକ 'ହୃଦୟର ଘର'

ବାଲେଶ୍ୱର (ନିପ୍ର): 'ସ୍ରଷ୍ଟା' ନାଟ୍ୟାନୁଷ୍ଠାନ ଓ ଜିଲ୍ଲା ପ୍ରଶାସନ ସହାୟତାରେ ମାକଲପୁର ସ୍ଥିତ ପ୍ରେକ୍ଷାଳୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । 'ସ୍ରଷ୍ଟା' ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ, ଭାଷା ବିକାଶ ଆନ୍ଦୋଳନର ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, 'ସ୍ରଷ୍ଟା'ର ସଭାପତି ଆଲୋକ କୁମାର ସାହୁ, ସଂଗ୍ରାମ କେଶରୀ ମହାନ୍ତି, ପ୍ରସନ୍ନ କୁମାର ଦାସ ପ୍ରମୁଖ ନାଟକ କିଭଳି ସାମାଜିକ ଜୀବନରେ ଘଟୁଥିବା ନିତି ଦିନିଆ ଘଟଣା ମାନ ପ୍ରଦର୍ଶିତ କରି ସମାଜକୁ ଦିଗଦର୍ଶନ ଦେଇ ଏକ ଯୁକ୍ତାତ୍ମକ ପରିବର୍ତନ ଆଡ଼କୁ ନେଇଯାଏ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ମହାପାତ୍ର ନାଟକ କେବେ ଓ କେଉଁ ପରିସ୍ଥିତି ରେ ମଂଚସ୍ଥ ହୋଇଥିଲା ଓ କିଏ କାହିଁକି ମଂଚସ୍ଥ କରିବାର ପ୍ରୟାସ କରିଥିଲେ କରିଥିଲେ,ନାଟକ ଲେଖିବାର ଉଦ୍ଦେଶ୍ୟ କଣ ,କଳାକାର ମାନଙ୍କର ନିଖୁଣ ଅଭିନୟ କଳା କିପରି ଦର୍ଶକ ଙ୍କୁ ଅଭିହିତ ଓ ଆମୋଦିତ କରି ମନୋରଞ୍ଜନର ଖୋରାକ ଯୋଗାଇବା ସଙ୍ଗେ ସଙ୍ଗେ ହୃଦୟରେ ଏକ ବିରାଟ ଶୁଭ ପରିବର୍ତନ ର ତରଙ୍ଗ ସୃଷ୍ଟି କରାଏ ଇତ୍ୟାଦି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶିଷ୍ଟ ଅଭିନେତ୍ରୀ ସ୍ୱାତୀ ପଣ୍ଡାଙ୍କୁ ସ୍ରଷ୍ଟା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ 'ସ୍ରଷ୍ଟା'ର ସଭ୍ୟ ନାଟ୍ୟକାର ପୀତାମ୍ବର ଦାସଙ୍କ ଲିଖିତ ନାଟକ 'ହୃଦୟର ଘର' ବିଶିଷ୍ଟ ନିର୍ଦ୍ଦେଶକ ଓ କଳାକାର ଗୌରୀ ଶଙ୍କର ସାହାଣୀଙ୍କ ମାର୍ଗଦର୍ଶନରେ ରଶ୍ମି ରଞ୍ଜନ ଦାସ ନାଟକ ନିର୍ଦ୍ଦେଶନା ଦେବା ସହିତ ସଙ୍ଗୀତ ପରିଚାଳନା କରିଥିଲେ । ଅଧୁନା ସମାଜରେ ଅନ୍ୟାୟ, ଅନୀତି, ଚୋରି ଡକାୟତି, ଦୁର୍ନୀତିକୁ ମୂଳ ଉତ୍ପାଟନ କରିବାର ପ୍ରୟାସ ଜାରି ରଖି କିପରି ଜଣେ ପୋଲିସ ଅଫିସର ଅସାମାଜିକ ଲୋକଙ୍କ ଦ୍ୱାରା ଆକ୍ରମଣର ଶିକାର ପୂର୍ବକ ଭୀଷଣ ଆଘାତ ପ୍ରାପ୍ତ ହୋଇ ସ୍ମରଣ ଶକ୍ତି ହରାଇଥିଲେ । ପରିବାର ଠାରୁ ଏକ ଅଶୁଭ ମୁହୂର୍ତରେ ବିଚ୍ଛିନ୍ନ ହୋଇଯାଇ ରାସ୍ତାରେ ଘୁରି ବୁଲୁଥିଲେ ଓ ଏକ ସେବା ସଂସ୍ଥାର ଦୃଦୟବାନ ବ୍ୟକ୍ତି ତାଙ୍କୁ ସେବା ସଂସ୍ଥାରେ ଆଶ୍ରୟ ଦେଇ ପାଳୁଥିଲେ । କଳାକାର ରତିକାନ୍ତ ମଲିକ,ମଦନ ମୋହନ ସାହୁ,ଦିବାକର ମହାନ୍ତି, ଶ୍ୟାମ ରାଇ କାର, ସରୋଜ କୁମାର ରାଉତ, ସୌରଜିତ ସାହୁ, ଋତୁରାଜ ବାରିକ, ପୁଷ୍ପିତା ପାଢ଼ୀ, ସ୍ୱାଗତିକା ବାରିକ ଓ ଅନୁଭା ଶତପଥୀଙ୍କ ନିଖୁଣ ଅଭିନୟ ସମସ୍ତଙ୍କୁ ବିମୋହିତ କରିଥିଲା ।

# 'ଶ୍ରାବଣୀ ନଈ' ଓ 'ଚହଲା ପାଣିର କଇଁ' ନାଟକ ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର (ନିପ୍ର): ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟ୍ୟକାର ଡ. ଦିଲ୍ଲୀପ ରଥଙ୍କ 'ଶ୍ରାବଣୀ ନଈ' ଏବଂ 'ଚହଲା ପାଣିର କଇଁ' ନାଟକ ପୁସ୍ତକ ଲୋକାର୍ପଣ ଉତ୍ସବ ଏବଂ କଥୋପକଥନ କାର୍ଯ୍ୟକ୍ରମ ସ୍ଥାନୀୟ କ୍ଷେସନ କ୍ଲବରେ ଅନୁଷ୍ଠିତ ହୋଇଯାଇଛି । କବି ଶ୍ରୀଦେବଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରି ଡ. ରଥଙ୍କ ବଳିଷ୍ଠ ନାଟ୍ୟକାର ସ୍ୱପ୍ନ ସାକାର ହୋଇପାରିଛି ବୋଲି ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଡ. ରାଖାଲ ଚନ୍ଦ୍ର ଘଡାଇ, ଡ. ଭାଗବତ ପ୍ରସାଦ ଦାସ ଡ. ରମାକାନ୍ତ ନାୟକ, ନାଟ୍ୟ ଗବେଷକ କୌଳାସ ଦାସ ଯୋଗ ଦେଇ ନିଜର ମତବ୍ୟକ୍ତ କରି ଥିଲେ । ପ୍ରାରମ୍ଭିକ ବକ୍ତବ୍ୟ କବି ସୀତାଂଶୁ ଲେଙ୍କା ରଖିଥିଲେ । ଡ. ରଥ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ଇପ୍‌ସିତ ପ୍ରୟାସ ରଥ ଶେଷ କଥା ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ ଶ୍ରୀତମ ସିଂହ, ଅଧାପକ ରାମଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବେହେରା, ସୁଶାନ୍ତ ଦାସ, ଶରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖ୍ରୀଷ୍ଟ ସଂପ୍ରଦାୟ ପକ୍ଷରୁ 'ବିଜୟ ଉତ୍ସବ' ପାଳିତ





ବାଲେଶ୍ୱର (ନିପ୍ର):୨୯ ତାରିଖ ସକାଳେ ଖ୍ରୀଷ୍ଟ ସଂପ୍ରଦାୟର ତ୍ରାଣକର୍ତା ପ୍ରଭୁ ଯୀଶୁଙ୍କୁ ଆରାଧନା କରାଯାଇ ବାଲେଶ୍ୱର ଜିଲ୍ଲା ସମେତ ସହରର ବିଭିନ୍ନ ଚର୍ଚ୍ଚ ତଥା କଚେରୀହତା ପରିସରରେ ଥିବା ବାପ୍‌ଟିଷ୍ଟ ଚର୍ଚ୍ଚର ଖ୍ରୀଷ୍ଟଧର୍ମାମ୍ବଲବୀ ସଂପ୍ରଦାୟର ଆବାଳ ବୃଦ୍ଧ ବନିତା ହାତରେ ତାଳପତ୍ର, ଫୁଲ, ପ୍ଲାକାର୍ଡ଼ ଇତ୍ୟାଦି ଧରି ଚର୍ଚ୍ଚ ପରିସରରୁ କ୍ଷେସନ ଛକ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ମୁଖ୍ୟତଃ କାମ,କ୍ରୋଧ, ହିଂସା ଓ ଦ୍ୱେଷ ପରିତ୍ୟାଗ କରି ମାନବ ସେବାରେ ନିଜକୁ ନିୟୋଜିତ କଲେ ଈଶ୍ୱରପ୍ରାପ୍ତି ସଂଗେ ସଂଗେ ବିଶ୍ୱଶାନ୍ତି ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା ।

# ପବିତ୍ର ରାମନବମୀରେ ରାମକଥା ଅନୁଷ୍ଠିତ

ବାଲେଶ୍ୱର (ନିପ୍ର): ବାଲେଶ୍ୱର ଟାଉନ ଅନ୍ତର୍ଗତ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ପବିତ୍ର ଶ୍ରୀ ରାମ ନବମୀ ଉପଲକ୍ଷେ ଶ୍ରୀ ରାମ କଥା ଅନୁଷ୍ଠିତ ହୋଇ ଯାଇଛି । ତାଙ୍କ ପ୍ରବଚନ ରେ ବୁଝାଇ ଥିଲେ ଯେ ପରିବାର ଓ ସମାଜ ରେ କେମିତି ମର୍ଯ୍ୟାଦା ର ସହ ଚଳିବା ଉଚିତ ତାହା ମର୍ଯ୍ୟାଦା ପୁରୁଷୋତମ ଶ୍ରୀ ରାମଚନ୍ଦ୍ର ଙ୍କ ପାଖରୁ ଶିଖିବା ଉଚିତ ।



ସକାଳ ଆଠ ଟା ରେ ପୂଜା ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା । ସମାଜ ସ୍ୱେବୀ ଶ୍ରୀ ଯୁକ୍ତ ବୀରେନ୍ଦ୍ର କର ଓ ତାଙ୍କ ସହଧର୍ମିଣୀ ସଂକଳ୍ପ ପୂଜାରେ ବସିଥିଲେ । ଏଗାର ଘଟିକା ରେ ବାଲେଶ୍ୱର ଜିଲ୍ଲା ର ବିଶିଷ୍ଟ ପ୍ରବଚକ ପଣ୍ଡିତ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ଦେଇଥିଲେ । ସେ ପ୍ରବଚନ ପରେ ସମସ୍ତ ଭକ୍ତ ପ୍ରସାଦ ସେବନ କରିଥିଲେ । ଏହି ଧାର୍ମିକ କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମିନତୀ ରାଣୀ ନାୟକ ଓ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ । ଶେଷରେ ଶ୍ରୀ ଯୁକ୍ତ ହରିଶ ଚନ୍ଦ୍ର ରଣା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କରତକଳ ଶ୍ରମିକମାନଙ୍କ ପାଇଁ ସରକାରଙ୍କ ଦୃଷ୍ଟି ପଡ଼ିବ କେବେ ?

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଜିଲ୍ଲାରେ ଦୀର୍ଘବର୍ଷ ଧରି ବିଭିନ୍ନ କରତକଳରେ କାର୍ଯ୍ୟକରୁଥିବା ଶତାଧିକ ଶ୍ରମିକମାନଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରା ଯାଇଛି । ଗ୍ରାମା□ଳରେ ଥିବା ଛୋଟଛୋଟ କରତକଳରେ ଏହି ଶ୍ରମିକ ମାନେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଥିଲେ । ପ୍ରାୟ ଆଠମାସ ଧରି ସରକାରୀ କଟକଣାରୁ




କରତକଳଗୁଡ଼ିକୁ ମାଲିକମାନେ ବନ୍ଦ କରିଦେଇଛନ୍ତି । ବାଲେଶ୍ୱର ଜିଲ୍ଲାର ପଣପଣା ଓ ସୋମନାଥପୁରରେ ମାତ୍ର ଦୁଇଟି ସ୍ଥାନରେ କରତକଳ ପାଇଁ ଅନୁମତି ମିଳିଛି । ଜିଲ୍ଲାର ଗ୍ରାମା□ଳରେ ଥିବା ପ୍ରାୟ ୬୦ଟି କରତକଳ ବନ୍ଦ ହୋଇରହିଛି । ତେଣୁ ଶ୍ରମିକମାନେ ରୋଜଗାର ହରାଇ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି । କରତକଳଗୁଡ଼ିକ ବନ୍ଦ ହୋଇଯିବାରୁ ପରୋକ୍ଷଭାବେ କାଠକୁ ବେଉଷା କରି ଚଳୁଥିବା କାଠ କାରିଗର, ନୌକା ତିଆରିପାଇଁ ମତ୍ସ୍ୟଜୀବୀ, କାଠଟ୍ରଲି ଚାଳକ, ପକ୍କାଘର ସେଟ୍ରିଂ ପାଇଁ ରାଜମିସ୍ତ୍ରୀ ପ୍ରଭୃତି ବିଭିନ୍ନ ବୃତିର ଶ୍ରମିକମାନେ ରୋଜଗାର ହରାଇଛନ୍ତି । ସରକାରୀ କଟକଣା ଯୋଗୁଁ ଗ୍ରାମା□ଳର ବାସିନ୍ଦା ନିଜ ବାଡ଼ିରେ ଥିବା ପରିପକ୍ୱ ଗଛକୁ ମଧ ଆବଶ୍ୟକବେଳେ କାଟି ପାରୁନାହାନ୍ତି କିମ୍ବା ବିକ୍ରି କରିପାରୁନାହାନ୍ତି । ତେଣୁ ଗ୍ରାମା□ଳରେ କରତକଳଗୁଡ଼ିକ ଚାଲିବାପାଇଁ ଆବଶ୍ୟକ ଅନୁମତି ନିମି□ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଗୁହାରୀ କରିଛନ୍ତି । ସେମାନଙ୍କ ଆବେଦନପତ୍ରରେ ଜିଲ୍ଲାରେ ଥିବା ପ୍ରାୟ ୨୦ହଜାର ପରିବାରକୁ ରୋଜଗାର ସୁଯୋଗ ପ୍ରଦାନ କରିବାକୁ ସେମାନେ ଆକୁଳ ନିବେଦନ କରିଛନ୍ତି । ଏହି ମର୍ମରେ ଏକ ଆବେଦନପତ୍ର ବାଲେଶ୍ୱର ବନଖଣ୍ଡ ଅଧିକାରୀଙ୍କ ଜରିଆରେ ମାନ୍ୟବର ଜଙ୍ଗଲ, ପରିବେଶ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।'ଜୀବନ ଜୀବିକା ସୁରକ୍ଷା ସଂଯୁକ୍ତ ଗଣପରିଷଦ'ର ପ୍ରମୁଖ କର୍ମକର୍ତା ମଣିଭଦ୍ର ସାହୁ, ପ୍ରବୋଧ କୁମାର ପରିଡ଼ା, ବିଜୟ କୁମାର ମହାପାତ୍ର, ଦୀନବନ୍ଧୁ ମହାରଣା, ମନୋରଂଜନ ପଣ୍ଡା ଓ ସୁଧାଂଶୁ ମିଶ୍ର ପ୍ରମୁଖଙ୍କ ସମେତ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଏହି ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ । ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ସମସ୍ତ ରାଜନେତା, ବୁଦ୍ଧିଜୀବୀ, ଶ୍ରମିକନେତା ଓ ବିଭିନ୍ନ ଗଣସଂଗଠନର ନେତୃତ୍ୱକୁ ନେଇ ଆସନ୍ତା ମାସରେ ଏକ ଜିଲ୍ଲାସ୍ତରୀୟ ଗଣକନ୍‌ଭେନ୍‌ସନ୍ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ




ଖୁଂଟା(ନିପ୍ର): ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ 'ମାଛର ଜୀବବିଜ୍ଞାନ ଏହାର ପରିଚାଳନା ଏବଂ ସଂରକ୍ଷଣ' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗର ମୁଖ୍ୟ ଡଃ ଇପ୍ସିତା ପ୍ରିୟଦର୍ଶିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କପ୍ତିପଦା ଡିଗ୍ରୀ କଲେଜ, ନୁଆସାହିର ଡଃ ନିବାରଣ ଶତପଥୀ ସନ୍ଦର୍ଭିତିକ ଗବେଷକ ଭାବରେ ଯୋଗ ଦେଇ ମାଛ ମାନଙ୍କ ହ୍ରାସର କାରଣ, ଉତ୍ପାଦନ, ଆବଶ୍ୟକତା ଏବଂ ସଂରକ୍ଷଣର ବିଭିନ୍ନ ଦିଗ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ରୂପେ ଆଇ.କ୍ୟୁ. ଏସିର ସଂଯୋଜକ ତପନ କୁମାର ବାରିକ ମଧ୍ୟ ଯୋଗ ଦେଇ ନିଜର ମତାମତ ରଖିଥିଲେ ଏବଂ ବିଭାଗୀୟ ପ୍ରଦର୍ଶିକା ନିରଦା ବାରିକ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ତୃତୀୟ ବର୍ଷର ଛାତ୍ର ସ୍ମୃତିରଞ୍ଜନ ବେହେରା ଛାତ୍ରୀ ଦୀପା ସିଂ, ଶ୍ରୀଲେଖା ମାଝୀ ଦ୍ୱିତୀୟ ବର୍ଷର ପ୍ରୀତିପ୍ରଜ୍ଞା କବାଟ, ଅଲିଭା ନାଏକ ବିଭାଗ ତରଫରୁ ଅଂଶଗ୍ରହଣ କରିଥିଲେ ଓ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

# ଧାନ କିଣା ଘୋଟାଲାର ପର୍ଦ୍ଦାଫାଶ କଲା କଂଗ୍ରେସ



ଜଳେଶ୍ୱର(ନିପ୍ର): ଚଳିତ ଖରିଫ ଋତୁର ଧାନ କିଣାରେ ଏକ ବଡ ଧରଣର ଘୋଟାଲାର ପର୍ଦାଫାଶ କରିଛି କଂଗ୍ରେସ । ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସୁଦର୍ଶନ ଦାସ ମିଲର, ନେତା ଓ ଯୋଗାଣ ବିଭାଗର ଅଢିକାରୀ ମାନଙ୍କ ମଧୁ ଚନ୍ଦ୍ରିକାରେ କେମିତି କୋଟି କୋଟି ଟଙ୍କାର ଲୁଟ ହେଉଛି ତାର ଅବତାରଣା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ମିଳିଥିବା ଟୋକନର ଶତ ପ୍ରତିଶତ ଧାନ ଚାଷୀଙ୍କ ଠାରୁ କିଣାଗଲା, ଯାହାର ସଂଖ୍ୟା ଗୋଟିଏ ସେବା ସମବାୟ ସମିତି ଅଧୀନରେ ପଞ୍ଜିକୃତ ସମଗ୍ର ଚାଷୀଙ୍କ ସଂଖ୍ୟାର ୧୦% । ପରେ ୩୦% ପ୍ରତିଶତ ଚାଷୀଙ୍କ ଠାରୁ ୮୦% ପ୍ରତିଶତ ଧାନ କିଣାଗଲା । ଏବେ ୬୦% ଚାଷୀଙ୍କ ଠାରୁ ସେମାନଙ୍କୁ ମିଳିଥିବା ଟାର୍ଗେଟ ର ୫୦% ଧାନ କିଣାଯାଉଛି । ତଥାପି ଦୁଇ ହଜାରରୁ ଅଧିକ ଚାଷୀ ଧାନ ଦେଇ ନପାରିବାର ଆଶଙ୍କା ଭିତରେ ରହିଛନ୍ତି । ଚାଷୀଙ୍କ ଏହି ଅସହାୟତର ସୁଯୋଗ ନେଇ ମିଲର ମାନେ ଯୋଗାଣ ବିଭାଗର ଅଧିକାରୀ, ସେବା ସମବାୟ ସମିତିର ସମ୍ପାଦକ ଓ ରାଜନେତା ମାନଙ୍କୁ ହାତ ବାରିଶି କରି ୮୦:୨୦ ର ଫନ୍ଦି କରିଛନ୍ତି । ଏହି ଫନ୍ଦି ଅନୁସାରେ ଚାଷୀଙ୍କୁ କୁହାଯାଉଛି ଯେ ତୁମର ସମସ୍ତଙ୍କ ଧାନ ନିଆଯିବ । କିନ୍ତୁ ୮୦:୨୦ ଫର୍ମୁଲାରେ । ଅର୍ଥାତ ଚାଷୀ ଯେଉଁ ଧାନ ଦେବ ସେଥିରେ ଆଉ ୨୦% ଅଧିକ ଯୋଡି ତାଙ୍କ ଖାତାକୁ ଟଙ୍କା ଯିବ । ଚାଷୀ ସେ ଦେଇଥିବା ୮୦% ର ଟଙ୍କା ରଖି ଆଉ ୨୦% ଧାନର ମୂଲ୍ୟକୁ ମିଲରକୁ ଫେରାଇବେ । ଏହି ଆଧାରରେ ଜଳେଶ୍ୱର ର ଗୋଟିଏ ସେବା ସମବାୟ ସମିତିରେ ପାଖାପାଖି ୪୬୫୦୦୦ ଟଙ୍କାର ଘୋଟାଲା ହୋଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି । ଅଧିକାଂଶ ସେବା ସମବାୟ ସମିତି ଗୁଡିକରେ ଏହି ଭଳି ଅଭିନ୍ନ ଢଙ୍ଗରେ କୋଟି କୋଟି ଟଙ୍କାର ଘୋଟାଲା ଚାଲିଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି । ବ୍ଲକ ସଭାପତି ହେମନ୍ତ ଗିରି କହିଲେ ଯେ ଜଳେଶ୍ୱରର ଖରିଫ ଋତୁରେ ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କିଣିବା, ରବି ପାଇଁ ସମସ୍ତ ଚାଷୀଙ୍କୁ ପଞ୍ଜିକରଣ ର ସୁଯୋଗ ନଦେଲେ ଏପ୍ରିଲ ମାସରେ ବ୍ଲକ ଅଫିସ ସାମ୍ନାରେ ଜୋରଦାର ଆନ୍ଦୋଳନ କରାଯିବ ।

# ହନୁମାନ ମନ୍ଦିର ର ଦୁଇ ଦିନିଆ ବାର୍ଷିକ ଉତ୍ସବ ଉଦ୍ୟାପିତ



ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ହନୁମାନ ମନ୍ଦିରରେ ଅନୁଷ୍ଠିତ ଦୁଇ ଦିନିଆ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ଯଜ୍ଞରେ ସ୍ଥାନୀୟ ଅଂଚଳ ବାସୀ କେଜି କେଜି ଘିଅ ପ୍ରଦାନ କରୁଥିବାର ଦୃଶ୍ୟ ମଧ ଦେଖିବାକୁ ମିଳିଥିବା ବେଳେ ଏକ କୁଇଂଟାଲ ରୁ ଅଧିକ ସ୍ୱଦେଶୀ ଘୃତ ଯଜ୍ଞରେ ପ୍ରଦାନ ପୂର୍ବକ ପୂର୍ଣ୍ଣ ଆହୂତି ପ୍ରଦାନ କରାଯାଇଥିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି । ଏହି ଯଜ୍ଞ କାର୍ଯ୍ୟରେ ହନୁମାନ ମନ୍ଦିର ପୂଜକ ବାବୁରାମ ପଣ୍ଡାଙ୍କ ତତ୍ୱାବଧାନରେ ପ୍ରଭାକର ପଣ୍ଡା, ଧନଞ୍ଜୟ ପଣ୍ଡା, ଅଜିତ ପଣ୍ଡା, ଝାଡେଶ୍ୱର ରଥ, ସୁଶାନ୍ତ ମିଶ୍ର, ଚନ୍ଦ୍ର ଶେଖର ଦାଶ, ମଂଟୁ ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଦୁଇ ଦିନ ଧରି ଦିନ ତମାମ ଘୃତ ଆହୁତି କରାଯାଇ ଶନିବାର ରାତ୍ରି ଆଠଟାରେ ପୂର୍ଣ୍ଣାହୁତି ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ପରେ ପରେ କୁନି କୁନି ପିଲା ମାନଙ୍କ ଦ୍ୱାରା ଭଜନ ଉପରେ ଆଧାରିତ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କମିଟି ପକ୍ଷରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି ଭୋଗ ବଂଟନ କରାଯାଇଥିଲା ।

# ଶ୍ରୀରାମ ନବମୀ ଶୋଭାଯାତ୍ରାରେ ବାରିପଦା ଉତ୍ସବ ମୁଖର



ବାରିପଦା(ନିପ୍ର): ପବିତ୍ର ଶ୍ରୀରାମ ନବମୀରେ ବାରିପଦା ସହର ଉତ୍ସବ ମୁଖର ହୋଇପଡିଥିଲା । ସକାଳୁ ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସାରା ସହର ଗେରୁଆ ପତାକାରେ ସୁସଜ୍ଜିତ କରାଯାଇ ଥିଲା । ଜିଲ୍ଲାସ୍ତରୀୟ ଶ୍ରୀରାମ ନବମୀ ପାଳନ ପାଇଁ ସଙ୍ଗଠନ ଗୁଡିକୁ ଏକତ୍ରିତ କରି ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୂର୍ବାହ୍ନରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀରାମ ପୂଜାର୍ଚ୍ଚନା ଓ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା । ଅପରାହ୍ନରେ ନନ୍ଦିକେଶ ସେଜପଡାଙ୍କ ନେତୃତ୍ୟରେ ହଜାର ହଜାର ଭକ୍ତ ମଧୁବନ ସ୍ଥିତ ମା ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ବାଣ ରୋଷଣି, ହନୁମାନ ଓ ବାନର ବେଶରେ ନିଜକୁ ସଜ୍ଜିତ କରିଥିବା କଳାକାର ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲେ । ଡିଜେ, ବାଜା, ପାରମ୍ପରିକ ନୃତ୍ୟଦଳ ଶୋଭା ଯାତ୍ରାରେ ସାମିଲ ହୋଇଥିଲେ । ବିଶେଷକରି ବହୁ ସଂଖ୍ୟାରେ ଟ୍ରାକ୍ଟର ମଧ ଶୋଭଯାତ୍ରାରେ ସାମିଲ ହୋଇଥିଲା । ସେହିପରି ଶ୍ରୀରାମ ନବମୀ ଉତ୍ସବ ସମିତି ପକ୍ଷରୁ ଆବାହକ କବିବିଷ୍ଣୁ ଶତପଥିଙ୍କ ନେତୃତ୍ୱରେ ମଧୁବନ ଷ୍ଟାଡିୟମରୁ ରାମଭକ୍ତ ମାନଙ୍କୁ ନେଇ ଏକ ବିଶାଳ ଶୋଭଯାତ୍ରା ସହର ପରିକ୍ରମା କରି ଛଉ ପଡିଆ ନିକଟକୁ ଆସିଥିଲା । ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜ ଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ବିଧାୟକ କାନ୍ଧ୍ରା ସୋରେନ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶୋଭାଯାତ୍ରା ରେ ଯୋଗ ଦେଇଥିଲେ । ବାଣ ରୋଷଣୀ, ଡିଜେ, ବାଜା, ପାରମ୍ପରିକ ନୃତ୍ୟଦଳ ସହିତ ହଜାରହଜାର ରାମଭକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସେହିପରି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବାରିପଦା ପ୍ରଖଣ୍ଡ ତରଫରୁ ଏକ ଶୋଭାଯାତ୍ରା ସକାଳ ଓଳି ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ନରେନ୍ଦ୍ର ସିଂ, ଉପ ସଭାପତି ଅବନୀ କାନ୍ତ ପତି, ଦୀପକ ମଲ୍ଲିକ, ମାଧବ ସାହୁ, ସହ ସମ୍ପାଦକ ମେଜର ମୃତ୍ୟୁଞ୍ଜୟ ଦାସ, ବାସୁଦେବ ପଣ୍ଡା, ବଜରଙ୍ଗ ଦଳ ଜିଲ୍ଲା ଟୋଲିର ଆଶୁତୋଷ ଦାସ ପ୍ରମୁଖ ଙ୍କ ନେତୃତ୍ୱରେ ରାଧା ମୋହନ ମନ୍ଦିର ନିକଟରୁ ବାହାରି ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା. ସେହିପରି ବିଭିନ୍ନ ସଂଗଠନ ତରଫରୁ ଏକାଧିକ ଛୋଟବଡ଼ ଶୋଭାଯାତ୍ରା ସନ୍ଧ୍ୟାରେ ସହର ପରିକ୍ରମା କରିଥିବା ବେଳେ ବାରିପଦା ସହର ରେ ଏକ ଭବ୍ୟ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ତେବେ ଭବ୍ୟ ରାମ ଶୋଭାଯାତ୍ରା ଛଉ ପଡିଆରେ ପହଂଚିବା ପର୍ଯ୍ୟନ୍ତ ଶୃଙ୍ଖଳାବଦ୍ଧ ଓ ସ୍ମରଣୀୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା. ଶାନ୍ତିପୂର୍ଣ୍ଣ ଓ ଧୁମଧାମରେ ଏହି ଉତ୍ସବ ପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ



ଯାଜପୁର(ନିପ୍ର): ଯାଜପୁର ସହରରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଶ୍ରୀରାମ ସେବା ସମିତି ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରା ଯାଜପୁର ବିରଜା ହାଟ ନିକଟସ୍ଥ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରୁ ବାହାରି ଦେବୀଗଡା ଘାଟ ନିକଟରେ ବିସର୍ଜନ କରାଯାଇଥିଲା । ଯାଜପୁର ର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ଙ୍କ ମନ୍ଦିର ନିକଟରେ ସେବାୟତଙ୍କ ପକ୍ଷରୁ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇ ଥିଲା । ଏହି ଅବସରରେ ଯୁବନେତା ଭବ ପ୍ରସାଦ ଦାସ ଯୋଗ ଦେଇ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରିଥିଲେ । ଜୟ ଶ୍ରୀରାମ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇ ଉଠିଥିଲା । ଭାଗ୍ୱା ଧ୍ୱଜାରେ ପବିତ୍ର ବିରଜା ମାଟି ଗଇରିକମୟ ତଥା ରାମମୟ ହୋଇଉଠିଥିଲା । ଶୋଭାଯାତ୍ରା ଯାଜପୁରର ବିଭିନ୍ନ ଛକ ଦେଇ ଯାଇଥିବା ବେଳେ ପ୍ରତେକ ଛକରେ ପୂଜା କମିଟି ପକ୍ଷରୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରୀରାମ ଭକ୍ତ ମାନଙ୍କୁ ସ୍ୱାଗତ କରାଯାଇଥିଲା । ଶ୍ରୀରାମଙ୍କ ସଚେତନତା ଶୋଭାଯାତ୍ରା ପାଇଁ ପୁରା ଯାଜପୁର ସହରରେ ଏକ ଆଧାମିକ ପରିବେଶ ସୃଷ୍ଟି ହେବା ସହ ପୁରା ସହର ରାମମୟ ହୋଇଥିଲା । ଏହି ଶୋଭାଯାତ୍ରାରେ ୫ ହଜାରରୁ ଊର୍ଦ୍ଧ ଶ୍ରୀରାମ ପ୍ରେମୀ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ମଧ ଗ୍ରହଣ କରାଯାଇଥିଲା ।

# ବିଭିନ୍ନ ରାସ୍ତା ଏବେ ମରଣଯନ୍ତା ସାଜିଛି : ବିଭାଗୀୟ ଅଧିକାରୀଙ୍କ ଅବହେଳା



ଧାମନଗର(ନିପ୍ର): ଧାମନଗର ବ୍ଲକର ବିଭିନ୍ନ ଅଂଚଳରେ ଯୋଗାଯୋଗ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଆଇସିୟୁ ରେ । ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ର ଚରମ ଅବହେଳା ଯୋଗୁଁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାରରେ ସମ୍ମୁଖୀନ ହେଉଛନ୍ତି । ଧାମନଗରରୁ ଫଳପୁର, କଲ୍ୟାଣୀ, ଦୋବଲ, କୋଠାର ଏବଂ ଖଡ଼ିମାହାରା, ନଦୀଗାଁ ପରି ମୁଖ୍ୟ ରାସ୍ତା ଗୁଡ଼ିକ ବିପର୍ଯ୍ୟସ୍ତ ହୋଇ ପଡିଛି । ବିଭାଗୀୟ ଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, କେତେକ ସ୍ଥାନରେ ରାସ୍ତା କାମ ଚାଲୁଥିଲେ ମଧ ସେଠାରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ । କାମର ବ୍ୟୟ ଅଟକଳ କେତେ, କେଉଁ ଠିକାଦାର ଏହା କରୁଛନ୍ତି ଏବଂ କେଉଁ ମାନଦଣ୍ଡରେ କାର୍ଯ୍ୟ ହେଉଛି, ତାହା ରହସ୍ୟ ଘେରରେ । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସାଧାରଣ ଜନତାଙ୍କ ଟିକସ ଟଙ୍କା ପାଣିରେ ପଡୁଥିବା ଅଭିଯୋଗ ହେଉଛି । ଧାମନଗର - ଦୋବଲ ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଫାଟ ଗୁଡ଼ିକ ଏବେ ରକ୍ତମୁଖା ସାଜିଛନ୍ତି । ବିଶେଷ କରି ରାତି ସମୟରେ ବାଇକ୍ ଚଳାଇବା ବେଳେ ଅଜାଣତରେ ଚକ ଉକ୍ତ ଫାଟରେ ପସି ଯାଉଛି, ଯାହା ଫଳରେ ଗାଡ଼ି ଚାଳକ ମାନେ ଗୁରୁତର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏଭଳି ଅଭାବନୀୟ ଘଟଣା ପ୍ରତିଦିନ ଘଟୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ, ଅନେକ ସ୍ଥାନରେ ମରାମତି ନାମରେ କେବଳ ପ୍ରଲେପ ଦିଆଯାଉଛି । ଫଳରେ କିଛି ଦିନ ନଯାଉଣୁ ରାସ୍ତା ପୁଣି ଫାଟି ଆଁ କରୁଛି । ରାସ୍ତାର ଏଭଳି କରୁଣ ଅବସ୍ଥା ଯୋଗୁଁ ରୋଗୀଙ୍କୁ ନେବା ଆଣିବା କରିବା କିମ୍ବା ଛାତ୍ରଛାତ୍ରୀମାନେ ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଅନେକ ସ୍ଥାନ ରେ ମଧ ଅଧା କାମ ଛାଡି ଠିକାଦାର କାମ ନିମ୍ନମାନର କରି ଟଙ୍କା ଉଠାଇ ନେଉଛନ୍ତି ଫଳରେ ସାଧାରଣ ଲୋକ ମାନେ ହଇରାଣ ହେଉଛନ୍ତି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜ୍ୟୋତି ପ୍ରକାଶ ସଭାପତି, ବିପ୍ଳବ ବାରିକ ସମ୍ପାଦକ ନିର୍ବାଚିତ



ବାରିପଦା(ନିପ୍ର): ଜିଲ୍ଲା ଓକିଲ ସଙ୍ଘ ବାରିପଦାର ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇ ଫଳାଫଳ ପ୍ରକାଶ ପାଇଛି. ସଭାପତି ଭାବରେ ଜ୍ୟୋତିପ୍ରକାଶ ରଥ ୯୩ଟି ଭୋଟରେ ପ୍ରବୀର କୁମାର ବସାଙ୍କ ଠାରୁ ଆଗୁଆ ରହି ବିଜୟ ଲାଭ କରିଥିବା ବେଳେ, ସମ୍ପାଦକ ଭାବରେ ବିପ୍ଳବ କୁମାର ବାରିକ ଜ୍ଞାନ ରଞ୍ଜନ ଜେନାଙ୍କ ଠାରୁ ୧୭୫ ଟି ଭୋଟରେ ଆଗୁଆ ରହି ବିଜୟ ଲାଭ କରିଛନ୍ତି । ଉପସଭାପତି ଭାବରେ ସତ୍ୟବ୍ରତ ଦାଶ, ଯୁଗ୍ମ ସମ୍ପାଦକ ୱେଲଫେୟାର ଭାବରେ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଲାଇବ୍ରେରୀ ଭାବରେ କୃଷ୍ଣ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଏଡ଼ମିନିଷ୍ଟ୍ରେସନ ଭାବରେ ପଙ୍କଜ କୁମାର ମହାକୁଡ଼, କୋଷାଧ୍ୟକ୍ଷ ଭାବରେ ପଦ୍ମ ଲୋଚନ ମହାନ୍ତ, ଏବଂ ପରିଚାଳନା ସଦସ୍ୟ ଭାବରେ ଗିରିଶ ଚନ୍ଦ୍ର ମହାପାତ୍ର, ଦେବରାଜ ମିଶ୍ର ଏବଂ ଗୌତମ ଶଙ୍କର ରାୟ, ବୈଜୟନ୍ତୀ ବାସ୍କେ, ମଧୁ ସ୍ମୃତି ସେଠୀ, ରୁପଶ୍ରୀ ବାରିକ, ସୁସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି ବିଜୟ ଲାଭ କରିଥିବାର ଜଣାଯାଇଛି । ନିର୍ବାଚନ ଅଧିକାରୀ ଭାବରେ କିଶୋର ଚନ୍ଦ୍ର ମହାନ୍ତି ଭୋଟ ଗଣନା ପରେ ଫଳାଫଳ ପ୍ରକାଶ କରିଛନ୍ତି ।

# ପୂର୍ତ୍ତ ପରେ ଗ୍ରାମ ଉନ୍ନୟନ ବିଭାଗରେ ଚାଲିଛି କାର୍ଯ୍ୟ ବିକ୍ରି

ଖଇରା(ନପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗ୍ରାମଲକ୍ଷ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ମରାମତି କାମ(ସିଡବ୍ଲ୍ୟୁଏ)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ପ୍ରତ୍ୟେକ ୫ଲକ୍ଷର କାର୍ଯ୍ୟ ପାଇଁ ୫୦ହଜାର କରି ଆଦାୟ କରାଯାଉଥିବାରୁ କାମର ମାନ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ କହିଛନ୍ତି । ପୂର୍ବରୁ ସୋର-କୁପାରୀ ରାସ୍ତା ଏବଂ ଏବେ ବର୍ତନା-ଓସ୍ତପାଳ ରାସ୍ତାରେ ପୂର୍ତ୍ତ ବିଭାଗ ଦ୍ୱାରା ମରାମତି ନାମରେ ୫ଲକ୍ଷିଆ କାମରେ ଦୁର୍ନିତି ଅଭିଯୋଗ ପରେ ଏବେ ଗ୍ରାମ୍ୟଉନ୍ନୟନ ବିଭାଗରେ କାର୍ଯ୍ୟ ଆବଂଟନ (ସିଡବ୍ଲୁଏ) ମାଧ୍ୟମରେ ୨୦ଲକ୍ଷ ଟଙ୍କାର ସମାନ ଧରଣର ଦୁର୍ନିତି ହୋଇଥିବା ଅଭିଯୋଗ ହୋଇଛି । ଚଳିତ ବର୍ଷ ବିଭିନ୍ନ ଗ୍ରାମ୍ୟଉନ୍ନୟନ ବିଭାଗ ରାସ୍ତାର ମରାମତି ନାମରେ ନେତାଙ୍କ ମାଧ୍ୟମରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ୨କୋଟି ମୁଲ୍ୟର ୪୦ ଟି ପ୍ରକଳ୍ପ ଚିଠା ଅନୁମୋଦନ ପାଇଁ ଦିଆଯାଇଥିଲା । ଟେଣ୍ଡରକୁ ନଦେବା ପାଇଁ ପ୍ରତ୍ୟେକ ପ୍ରକଳ୍ପର ମୁଲ୍ୟ ୫ଲକ୍ଷ ରଖାଯାଇଥିଲା । ମାର୍ଚ୍ଚ ମାସ ଆରମ୍ଭରେ ଗ୍ରାମ ଉନ୍ନୟନ ବିଭାଗ ତରଫରୁ ଶାସକ ଦଳର କିଛି ନେତାଙ୍କ ସୁପାରିଶରେ ୪୦ଜଣଙ୍କୁ ଏହି ୨କୋଟି ଟଙ୍କାର କାମ ପ୍ରଦାନ କରାଯାଇଛି ଏବଂ ପ୍ରତ୍ୟେକ କାର୍ଯ୍ୟଗ୍ରାହୀ ବା ଠିକାଦାରଙ୍କ ନିକଟରୁ ୫୦ ହଜାର କରି ଆଦାୟ କରାଯାଇ ଥିବା ଅଭିଯୋଗ ହୋଇଛି । ଏବେ ମାର୍ଚ୍ଚ ୩୧ ପୂର୍ବରୁ ଏହି କାର୍ଯ୍ୟ ବାବଦରେ ବିଲ ଉଠାଇବା ପାଇଁ ଉଦ୍ୟମ ଚାଲିଥିବା ବେଳେ କାମକୁ ଯୁଦ୍ଧକାଳିନ ଭିତିରେ ମନଇଛା କାମ କରାଯାଉଛି । ଅଧିକାଂଶ କାର୍ଯ୍ୟ ଲକ୍ଷ କଲେ କେଉଁଠି ପେଭର ବ୍ଲକ ଉଠିଯାଉଥିବା ବେଳେ ଆଉ କେଉଁଠି ୨ପାଖ ସିମେଟ ପାଚେରୀ ଭାଙ୍ଗିଗଲାଣି ଏବଂ ମରାମତିରୁ ପିଚୁ ଉଠିଗଲାଣି । ଆଉ କିଛି ଯାଗାରେ ରାସ୍ତାର ଲମ୍ବ, ଓସାର ଓ ମୋଟେଇ ମଧ୍ୟ ଏଷ୍ଟିମେଟ ଅନୁଯାୟୀ କରାଯାଉନଥିବା ଅଭିଯୋଗ ହୋଇଛି । ଏହା ପୁର୍ବରୁ ସୋର-କୁପାରୀ ରାସ୍ତାରେ ମଧ୍ୟ ମରାମତି ପାଇଁ ୨୦ଜଣଙ୍କୁ ୫ଲକ୍ଷ କରି ଅର୍ଥ ପ୍ରଦାନ ନାମରେ ବ୍ୟାପକ ଅର୍ଥ ହରିଲୁଟ କରାଯାଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଶାସକ ଦଳର ବହୁନେତା ଜଡିତ ଥିବାରୁ ଏହାକୁ ଚପାଇ ଦିଆଯାଇଥିଲା । ବିସ୍ମୟର କଥା ଟଙ୍କା ଦେଇ କାମ ଆଣିଥିବା କିଛି ଠିକାଦାର ନିଜେ ଏହାକୁ କରିବା ବଦଳରେ ସେମାନେ ମଧ୍ୟ ୨୦ରୁ ୩୦ହଜାର ଅର୍ଥନେଇ ବିକ୍ରି କରୁଥିବାରୁ ଖଇରା ବ୍ଲକ ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଦୁର୍ନିତି ସୀମା ଲଙ୍ଘିଛି ବୋଲି ଶ୍ୟାମସୁନ୍ଦରପୁର ପଂଚାୟତର ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି । ବ୍ରାହ୍ମଣପୋଖରୀ-ଡଗରପଡା, ଅଡା-ବିଷ୍ଣୁପୁର, ପତିରାଜପୁର -ଗୋଳିହା ରାସ୍ତା, ମହତୀପୁର-ସୁଣ୍ଠିରା ରାସ୍ତା, ରଟିଣା ରାସ୍ତା, କଳାଝାଟିଆ-ଗୋବିନ୍ଦପୁର ରାସ୍ତା ରାସ୍ତାରେ ଚାଲୁଥିବା କିମ୍ବା ନିକଟରେ ସରିଥିବା କାମ ଦେଖିଲେ ଏହାର ପ୍ରମାଣ ମିଳିପାରିବ । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ପ୍ରତିକ୍ରିୟା ନେବାରେ ସମସ୍ତ ରାସ୍ତାକାମର ଯାଂଚକରାଯିବ ବୋଲି କହିଛନ୍ତି ।











*ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।*

## ଆଜିକାଲି



*ଅଥକେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ, ବଳାଦିବ ନିଯୋଜିତଃ ॥
(ଶ୍ରୀମଦ୍ ଭଗବଦ୍ ଗୀତା)*

*ଭାବାର୍ଥ : ହେ ହୃଷିକେଶ ! କର୍ମ, ଅକର୍ମ, ନିନ୍ଦା, ସ୍ତୁତି, ପାପପୂଣ୍ୟ, ଭଲମନ୍ଦ, ହାନିଲାଭ, ମଙ୍ଗଳ ଅମଙ୍ଗଳ ଏସବୁ ଜାଣି ମଧ୍ୟ ଲୋକମାନେ କାହା ପ୍ରେରଣାରେ ଏ ପାପ କରନ୍ତି ତାହା ମୋତେ କହନ୍ତୁ ।*

# ବିକଶିତ ଓଡ଼ିଶା

ଓଡ଼ିଶା ବିକଶିତ ରାଜ୍ୟ ଭାବେ ଏବେ ପରିଗଣିତ । କାରଣ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପ୍ରଯୁକ୍ତି ବିଜ୍ଞାନ, କଳା, ଭାସ୍କର୍ଯ୍ୟ ସବୁ କ୍ଷେତ୍ରରେ ପ୍ରଗତିଶୀଳରେ ଆଗେଇ ଚାଲିଛି । ବର୍ତମାନ ଲୋକମାନେ ଯେଉଁଭଳି ଭାବେ ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି ସେଥିପାଇଁ ଡାକ୍ତରଖାନା ମାନଙ୍କରେ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଉଛି । ଭୁବନେଶ୍ୱର ଅଖିଳଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ (ଏମ୍ସ) ରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା । ଏହା ମାଧ୍ୟମରେ ଆଣ୍ଠୁ ସମସ୍ୟା ଭୋଗୁଥିବା ରୋଗୀ ମାନେ ସହଜ ଓ ସୁବିଧାରେ ଆଣ୍ଠୁ ପ୍ରତିରୋପଣ କରିପାରିବେ ଏବଂ ରୋଗୀ ମଧ୍ୟ ସୁସ୍ଥ ଭାବେ ଏବଂ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ । ଏବେ କମ୍ ବୟସରୁ ଅଧିକାଂଶ ଆଣ୍ଠୁ ସମସ୍ୟା ଭୋଗ କରୁଥିବା ରୋଗୀମାନେ ନଜରକୁ ଆସୁଥିବା ଦେଖାଯାଉଛି । ଏମସ୍‌ରେ ଏହି ଅତ୍ୟାଧୁନିକ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ସତରେ ସ୍ୱାଗତଯୋଗ୍ୟ । ଏମ୍ସ ଭୁବନେଶ୍ୱର ଓଡ଼ିଶା ସମେତ ସଂପୂର୍ଣ୍ଣ ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାରେ ଗୌରବଲାଭ କରିଛି । ଏଥିସହିତ ପ୍ରଯୁକ୍ତି ବିଦ୍ୟା, ଚିକିତ୍ସା ବିଜ୍ଞାନର ସମ୍ମିଶ୍ରଣ କରି ଉନ୍ନତ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ସଫଳତାର ଉଦାହରଣ । ଏଥିସହ ଅନ୍ୟ ଏକ ପ୍ରଗତିର ଉଦାହରଣ ହେଉଛି ଇସ୍ପାତ କ୍ଷେତ୍ରରେ ନିବେଶ ଆମନ୍ତ୍ରଣ । ଓଡ଼ିଶା ଭାରତର ଇସ୍ପାତ ରାଜଧାନୀ । ଯେଉଁଠି ଦେଶର ସର୍ବବୃହତ ଲୁହାପଥର ଉତ୍ପାଦନକାରୀ ରାଜ୍ୟ । ଦେଶର ଲୁହାପଥର ଉତ୍ପାଦନରେ ଏହାର ଅଧିକ ବିଶେଷତା ତଥା ଅବଦାନ ସହ ଇସ୍ପାତ କ୍ଷେତ୍ରର ସଫଳତାରେ ଓଡ଼ିଶା ତାହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁମ୍ବାଇସ୍ଥିତ ଫିକି ସହଯୋଗରେ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା "ଇଣ୍ଡିଆ ଷ୍ଟିଲ- ୨୦୨୫" ସମ୍ମିଳନୀରେ ଓଡ଼ିଶା ରାଜ୍ୟ ଗୋଲଟେବୁଲ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ସମୃଦ୍ଧ ଓଡ଼ିଶା ବା ବିକଶିତ ଓଡ଼ିଶା କ୍ଷେତ୍ରରେ ଏହା ଆଉ ଏକ ସଫଳତାର ମାଇଲ ଖୁଂଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଇସ୍ପାତ ଉତ୍ପାଦନ ଓ କଂଚାମାଲ ଯୋଗାଣକୁ କିପରି ଆହୁରି ଆଗକୁ ବିସ୍ତାର କରାଯିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମଧ୍ୟ ଶିଳ୍ପ ନେତୃତ୍ୱଙ୍କ ସମ୍ମୁଖରେ ଇସ୍ପାତ ଓ ଧାତବ କ୍ଷେତ୍ରରେ ଓଡ଼ିଶାର ରଣନୈତିକ ଶକ୍ତିକୁ ଉପସ୍ଥାପନ କରିଥିଲେ । ଓଡ଼ିଶାରେ ଇସ୍ପାତ ଓ ଆନୁସଂଗିକ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ଥିବା ବିଭିନ୍ନ ଶିଳ୍ପ ଗୁଡ଼ିକର ସୁଗମ ପରିଚାଳନା ଯେପରି ଭାବେ ତ୍ୱରାନ୍ୱିତ ହୋଇ ପାରିବ ସେଥିପ୍ରତି ବିଭିନ୍ନ ପଦକ୍ଷେପ ନିଆଯାଇଛି । ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ ମାଧ୍ୟମରେ । କଂଚାମାଲ ଉପଲବ୍ଧ କରାଇବା ଏବଂ ଜମି ପ୍ରଦାନ ପ୍ରକ୍ରିୟାର ସରଳୀକରଣ ଠାରୁ ଆରମ୍ଭ କରି ସଡ଼କ ଏବଂ ରେଳପଥ ମାଧ୍ୟମରେ ସଂଯୋଗୀକରଣକୁ ସୁନିଶ୍ଚିତ କରଣ କରାଯାଇଛି । ରାଜ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶିଳ୍ପର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ । ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ବିକଶିତ ଓଡ଼ିଶା ବିକାଶର ଏହି ଉଜ୍ଜ୍ୱଳତା ସମସ୍ତଙ୍କ ପାଇଁ ସମ୍ଭାବନାର ଉତ୍ସ ।

# କିଏ ବୁଝେ ପିଲା ମନ ?

◆ ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ପାଠପଢ଼ାର ତାଗିଦା ଓ ମୋବାଇଲ ଫୋନର ବ୍ୟବହାରକୁ ନେଇ ଘରେ ବିରକ୍ତି ହେବାରୁ କଟକର ଜଣେ ବିଦ୍ୟାଳୟ ଛାତ୍ର ନିଜ ଜୀବନ ହାରିଛନ୍ତି । ଓଡ଼ିଶାରେ ଆମ ଦେଖିବା ଭିତରେ ଏହିପରି ଘଟଣା ନିୟମିତ ଭାବେ ପ୍ରାୟତଃ ଘଟୁଛି । ଅନେକ ସମୟରେ କିଛିଦିନ ପାଇଁ ଏ ଚର୍ଚ୍ଚା ଲାଗିରହିଥାଏ ପରେ ସବୁ ଠିକଠାକ ଯେପରି ହୋଇଯାଏ । କଅଁଳ ମନରେ ପିଲାଟି ଭିତରେ ଜୀବନକୁ ଚିହ୍ନିବା ପୂର୍ବରୁ ସେମାନେ ଜୀବନକୁ ହାରି ଦେବା ପାଇଁ କାହିଁକି ନିଷ୍ପତି ନେଉଛନ୍ତି ? ଦୋଷ କାହାର ? ଏବଂ ଦାୟିତ୍ୱ କାହାର ? ପିଲାମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ ଓ ଉତମ ତଥା ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ତାଙ୍କ ବାପା-ମାଆ । ଯେତେବେଳେ ଘରୁ ଏବଂ ତା ଆଖପାଖ ଦୁନିଆରୁ ପିଲାଟି ନିଜ ଲୋକଙ୍କ ଠାରୁ ଭଲ ବ୍ୟବହାର ପାଇନଥାଏ ସେ ଜୀବନ ହାରିବା ପାଇଁ ନିଷ୍ପତି ନେଇଥାଏ । ବର୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି ? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି ? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି ? ଯଦି ହଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଂଟିବା ପାଇଁ । ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ । ଏହା ନିଶ୍ଚିନ୍ତ ଭାବେ ବଡ଼ କଥା । କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ । ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତୀ ସମୟ ପାଇଁ ଭଲ ହୋଇନଥାଏ । କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଂଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ । ବର୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ । ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଂଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଂଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଂଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଂଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଂଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ । ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ । ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ । ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ । ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ । ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ । ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଂଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଂଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ । ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ । ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ । ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ । ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି । ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତର ସେ ଖୋଜିଥାଏ । ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ । ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଂଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ସମୟ ବଦଳୁଥିବାରୁ ପିଲାଙ୍କ ହାତରେ ମୋବାଇଲ ଫୋନ ରହୁଛି । ପିଲା ଦୁନିଆ ବିଷୟରେ ଅଧିକ ଅବଗତ ହେବାକୁ ଭଲ ପାଉଛନ୍ତି । ଭଲ ବିଷୟ ହେଉ ବା ମନ୍ଦ ବିଷୟ, ପିଲା ମୋବାଇଲରେ ଦେଖୁଛନ୍ତି । ଏହା ତାଙ୍କ ପାଠପଢ଼ା ଉପରେ ପ୍ରଭାବ ପକାଉଛି । ତେବେ ପିଲାର ଏଭଳି ବ୍ୟବହାରକୁ ନେଇ ଅଭିଭାବକ ହଠାତ୍ ବିରକ୍ତ ହୁଅନ୍ତୁନି । ପିଲା କାହିଁକି ଅଧିକ ଫୋନ ଦେଖୁଛି ଓ ଫୋନ ଦେଖିବା ଦ୍ୱାରା ତା ମଧ୍ୟରେ କ'ଣ ପରିବର୍ତନ ଆସୁଛି ତାହାକୁ ଭଲଭାବେ ନଜର କରନ୍ତୁ । କିଛି ନା କିଛି କାରଣ ଜଣାପଡ଼ିବ । ଏହାପରେ ସେହି କାରଣ ବିଷୟରେ ପିଲା ସହିତ କଥା ହୁଅନ୍ତୁ । ତାକୁ ତାର ଭବିଷ୍ୟତ ବିଷୟରେ ବୁଝାନ୍ତୁ । ପିଲା ନିଶ୍ଚିନ୍ତ ବୁଝିବ । ବାପା-ମାଆ କରୁଥିବା ଚିନ୍ତାର ଅନ୍ତ ହେବ । ମାତ୍ର ହଠାତ୍ ରାଗିକି ଗାଳିମନ୍ଦ କଲେ ପିଲା ବାପା-ମାଆଙ୍କ ଠାରୁ ଦୂରେଇଯିବ । ତା କଥା କେହି ବୁଝୁନାହାନ୍ତି ବୋଲି ଭାବି କିଛି ଗୋଟେ ଭୁଲ କରିଦେବ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ । ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର । ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର । ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତମ ବନ୍ଧୁ ପାଇପାରିବେ ଆଉ ଉତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତିକା ସାଜିବ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,*

# ଯୁଦ୍ଧ ନୁହେଁ ଶାନ୍ତି ଦରକାର

◆ କାଳୀ ଦାସ

ଯୁଦ୍ଧ ମାନବ ସମାଜର ସବୁଠାରୁ ବଡ଼ ଶତ୍ରୁ ।ଏକ ଅଭିଶାପ କହିଲେ ଭୁଲ ହେବନି ।ଯେତେବେଳେ ବି ଯୁଦ୍ଧ ହୋଇଛି ତାହା ଅନେକ କ୍ଷୟ କ୍ଷତି ଘଟାଇଛି । ଧରିତ୍ରୀ ର ବୁକୁ ମାନବ ରକ୍ତ ରେ ଭିଜିଛି ।ଅନେକ ନାରକୀୟ ଘଟଣା କୁ ଜନ୍ମ ଦେଇଛି । ମହାଭାରତର ଯୁଦ୍ଧ ହେଉ ବିଶ୍ୱ ଯୁଦ୍ଧ ହେଉ କିମ୍ବା ଆଜି ହେଉଥିବା ଯୁଦ୍ଧ ହେଉ ସବୁଠି ସେଇ ଏକ କଥା । ମଣିଷ ର ଦୁଇଟି ମୁଖ୍ୟ ଶତ୍ରୁ ହେଲେ 'କ୍ଷୁଧା ଏବଂ ଯୁଦ୍ଧ' । ଗତ ଚାରିବର୍ଷ ଧରି ରଷିଆ ଏବଂ ୟୁକ୍ରେନ ଭିତରେ ସଂଘର୍ଷ ଚାଲିଛି । ଚଉଦ ହଜାର ରୁ ଅଧିକ ଲୋକ ଏହି ଯୁଦ୍ଧ ରେ ମୃତ୍ୟୁ ବରଣ କରି ସାରିଲେଣି । ବିଶ୍ୱ ଦୁଇ ଭାଗରେ ବିଭକ୍ତ ହୋଇଛି କହିଲେ ଭୁଲ ହେବନି ।ଏହି ଯୁଦ୍ଧ ର ଅବସାନ ହେବା ଦେଖାଯାଉନାହିଁ ।ଏତିକି ବେଳେ ଅନ୍ୟ ଏକ ଯୁଦ୍ଧ ମୁଣ୍ଡ ଉଠାଇଛି ।ବର୍ତମାନ ର ଯୁଦ୍ଧ ଆହୁରି ଭୟାବହ ହୋଇ ଯାଇଛି । ଏହି ଯୁଦ୍ଧ ର ଗୋଟିଏ ପଟେ ଆମେରିକା ଓ ଇସ୍ରାଇଲ ଥିଲା ବେଳେ ଅନ୍ୟ ପଟେ ଇରାନ ଠିଆ ହୋଇଛୁ । କୁହାଯାଉଛି କି ଇରାନ କୁ ରଷିଆ ଓ ଚାଇନା ର ସମର୍ଥନ ରହିଛି । ଆମେରିକା ଓ ଇସ୍ରାଇଲ ଇରାନ ର ନ୍ୟୁକ୍ଲିଏର ପ୍ରୋଗ୍ରାମ କୁ ସ୍ଥଗିତ କରିବା ପାଇଁ ଧମକ ଦେବା ସଂଘେ ସଙ୍ଗେ ଏହି ଯୁଦ୍ଧ ର ସ୍ଥିତି କୁ ଆଣି ଠିଆ କରାଇଛନ୍ତି । ୟୁଏସ ଏବଂ ଇସ୍ରାଇଲ ଇରାନ ର ନ୍ୟୁକ୍ଲିଏର ଏବଂ ମିଲିଟାରୀ ଇନଫ୍ରାଷ୍ଟ୍ରାକଚର କୁ ବାରମ୍ବାର ଆକ୍ରମଣ କରିଛନ୍ତି ।ଏବଂ ପ୍ରତିବାଦ ରେ ଇରାନ ଇସ୍ରାଇଲ ଏବଂ ଆମେରିକା ର ସୈନ୍ୟ ବେଶ କୁ ଟାରର୍ଗେଟ କରିଛି । ମିଡିଲ ଇଷ୍ଟ ର କଟର, କୁୱେଟ, ବେହେରିନ ରେ ଇରାକର ଓ ଜାପାନ ରେ ଆମେରିକା ର ସୈନ୍ୟ ବେଶ ରହିଛି । ସାଉଦିଆରବ, ଇରାକ , ଇରାନ ଓମେନ , କ୍ୱାଟାର କୁଏଟ ପ୍ରଭୃତି ଦେଶ ଗୁଡ଼ିକ ବିଶ୍ୱର ୪୮% ତେଲ ପ୍ରଡୁସ କରିଥାନ୍ତେ । ବର୍ଲମାନ ଏହି ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ଓ ଗ୍ୟାସ ସଙ୍କଟ ଦେଖିବାକୁ ମିଳିଛି । ଭାରତ ରେ ଇଂନ୍ଧନ ଗ୍ୟାସ ର ସଙ୍କଟ ଦେଖିବାକୁ ମିଳିଛି । ଲୋକ ମାନେ ଲମ୍ବା ଲାଇନ ରେ ଠିଆ ହୋଇ ଗ୍ୟାସ ସିଲିଣ୍ଡର ନେଉଛନ୍ତି । ସିଲିଣ୍ଡର ପିଛା ଷାଠିଏ ଟଙ୍କା ବଢ଼ିଯାଇଛି । ଇସ୍ରାଇଲ ଓ ଆମେରିକା ର ମିଳିତ ଆକ୍ରମଣ ରେ ଇରାନ ର ମୁଖ୍ୟ ନେତା ଆୟୋତଲା ଖେମିନି ମୃତ୍ୟୁ ବରଣ କରିଛନ୍ତି । ସେହିପରି ଇରାନ ର ଅନ୍ୟ ମୁଖ୍ୟ ମିଲିଟେରୀ ନେତା ମଧ୍ୟ ମୃତ୍ୟୁ ବରଣ କରିଛନ୍ତି । ଇସ୍ରାଇଲ ର ନ୍ୟୁକ୍ଲିଏର ସାଇଟ ରେ ଇରାନ ର ମିଜାଇଲ ୧୮୦ ଜଣ ଙ୍କୁ ଆକ୍ରମଣ କରି ସାରିଛି । ଶହ ଶହ ମିଜାଇଲ ବୃଷ୍ଟି ଦୁଇ ପଟରୁ ହୋଇଛି ।ଏବଂ ଶହ ଶହ ଙ୍କୁ ମୃତାହତ କରିଛି । ଏହି ଭିତରେ ଆମେରିକା ପାଂଚ ଦିନ ପାଇଁ ଯୁଦ୍ଧ ବିରତି ଘୋଷଣା କରିଥିଲା ବେଳେ ଇରାନ ତରଫରୁ କୌଣସି ପ୍ରକାର ଯୁଦ୍ଧ ବିରତି ର ଘୋଷଣା କରାଯାଇ ନାହିଁ ବୋଲି କୁହାଯାଉଛି । ଇସ୍ରାଇଲ ଓ ଆମେରିକା ର ଆକ୍ରମଣ ରେ ସାଉଥ ପାରସ ଗ୍ୟାସ ଫିଲ୍ଡ ଏବଂ ଆଗାଲୁୟେହ ଓଏଲ ରିଫାଇନର ବିଶେଷ କ୍ଷତିଗ୍ରସ୍ତ ହୋଇଛି ।ଅନେକ ପାଇପ୍ ଲାଇନ ଷ୍ଟୋରେଜ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ଏହା ବିଶ୍ୱ ରେ ତୈଳ ଓ ଗ୍ୟାସ ସଙ୍କଟ ଜନ୍ମ ଦେଇଛି । ଇରାନ ର ସେନାବାହିନୀ ଅନ୍ୟ ଦେଶ ର ଜାହାଜ ଙ୍କୁ ହରମୁଜ ମଧ୍ୟ ଦେଇ ଗତି କରିବା କୁ ଅନୁମତି ଦେଇ ନଥିବା ରୁ ବିଶ୍ୱର ଅନେକ ସ୍ଥାନ କୁ ପେଟ୍ରୋଲ ଡିଜେଲ ଯାଇ ପାରୁ ନାହିଁ । ବର୍ତମାନ ଏହି ସମସ୍ୟା ଭିତରେ ସମ୍ପୂର୍ଣ୍ଣ ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି । ସମଗ୍ର ବିଶ୍ୱ ଏହି ସଙ୍କଟ ରୁ ମୁକ୍ତି ପାଇବା ପାଇଁ ଚାହୁଁଛି । ଇରାନ ଓ ଇସ୍ରାଇଲ ଏବଂ ଆମେରିକା ଭିତରେ ମଧ୍ୟସ୍ଥତା କରିବା ପାଇଁ ପାକିସ୍ଥାନ ତୁର୍କୀ ପ୍ରଭୃତି ରାଷ୍ଟ୍ର ଆଗେଇ ଆସିଛନ୍ତି କିନ୍ତୁ ଏହା କେତେ ଦୂର ସଫଳ ହୋଇ ପାରିବ ଜଣା ନାହିଁ । ଭାରତ ରେ ଏହି ମଧ୍ୟସ୍ଥତା କୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି କାହିଁକି ଭାରତ କୁ ମଧ୍ୟସ୍ଥତା ପାଇଁ ଦେଶ ଗୁଡ଼ିକ ଅନୁରୋଧ କଲେ ନାହିଁ ? ଶହେ ପଚାଶ କୋଟି ଜନତା ର ଦେଶ ଭାରତ,ବିଭିନ୍ନ ଧର୍ମ ର ଲୋକ ଏଠାରେ ବସବାସ କରନ୍ତି କିନ୍ତୁ ଭାରତ ଉପରେ କାହିଁକି ଦେଶ ଗୁଡ଼ିକ କାହିଁକି ନିର୍ଭର କରି ପାରିଲେ ନାହିଁ । ଯାହା ହେଲେ ଭି ଆମକୁ ଶାନ୍ତି ଦରକାର । ଆଶା କରାଯାଏ ଯେ ଏହି ଯୁଦ୍ଧ ର ଅବସାନ ହେବ ।

*ବ୍ରହ୍ମପୁର, ଖୋଡାସିଂଗି
କଳିଙ୍ଗନଗର , ଗଞ୍ଜାମ, ପିନ
-୭୬୦୦୧୦,ଫୋନ ନମ୍ବର
-୭୨୦୫୧୦୦୮୩୯*

# ରାମକୃଷ୍ଣ କଥାମୃତର ରଚୟିତା

◆ ରଜତ କୁମାର ବୋଷ



ରାମକୃଷ୍ଣ ପରମହଂସଙ୍କ ପ୍ରମୁଖ ଅନ୍ୟତମ । ସେ 'ମ' ତଥା ମାଷ୍ଟର ମହେନ୍ଦ୍ରନାଥଙ୍କ ସବୁଠାରୁ ଉଲ୍ଲେଖନୀୟ କଥାମୃତର ରଚନା । ସେ ବାଙ୍ଗଲା ରଚନା କରିଥିଲେ, ଯାହା ପରେ ବିଭିନ୍ନ ହାସଲ କରିଥିଲା । ୧୪ ଜୁଲାଇ ବ୍ରାହ୍ମଣ ପରିବାରରେ ମହେନ୍ଦ୍ରନାଥ ଜନ୍ମ ପ୍ରେସିଡେନ୍‌ସି କଲେଜରୁ ସ୍ନାତକ ଉତୀର୍ଣ୍ଣ ସରକାରୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ ମହାବିଦ୍ୟାଳୟରେ ଆଧାପନା ମଧ୍ୟ ବିଦ୍ୟାସାଗର ଉଚ୍ଚ ବିଦ୍ୟାଳୟର ମୁଖ୍ୟ ସମାଜ ସହ ତାଙ୍କର ସଂପୃକ୍ତି ଥିଲା ଏବଂ ଦେବୀଙ୍କୁ ବିବାହ କରିଥିଲେ । ଝଗଡ଼ାଝାଟି ଯୋଗୁଁ ଭାଙ୍ଗିପଡ଼ି କରୁଥିବା ବେଳେ ଦକ୍ଷିଣେଶ୍ୱର କାଳୀ ସାକ୍ଷାତ ହୋଇଥିଲା ଏବଂ ତାଙ୍କର ରାମକୃଷ୍ଣଙ୍କ ଦ୍ୱାରା ଗଭୀର ଭାବେ ବୟସରୁ ମହେନ୍ଦ୍ରାନଥଙ୍କ ଡାଏରି ଲିଖନ ଶିଷ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ରନାଥ ଗୁପ୍ତ ମହାଶୟ ଭାବେ ପ୍ରସିଦ୍ଧ ଥିଲେ । ଅବଦାନ ହେଉଛି ଶ୍ରୀ ଶ୍ରୀ ରାମକୃଷ୍ଣ ଭାଷାରେ ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ ଭାଷାରେ ଅନୂଦିତ ହୋଇ ପାଠକ ପ୍ରିୟତା ୧୮୫୪ରେ କାଲକାତାର ଏକ ବୈଦ୍ୟ ହୋଇଥିଲେ । ୧୮୭୪ରେ କାଲକାତାର ହେବା ପରେ ମହେନ୍ଦ୍ରନାଥ ବିଭିନ୍ନ କରିଥିଲେ । କେତେକ କରିଥିଲେ । ଶେଷରେ ଈଶ୍ୱର ଚନ୍ଦ୍ର ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ବ୍ରହ୍ମ କେଶବ ଚନ୍ଦ୍ର ସେନଙ୍କ ସଂପର୍କୀୟା ନିକୁଞ୍ଜ ୧୮୮୨ରେ ପାରିବାରିକ ଅଶାନ୍ତି ଓ ମହେନ୍ଦ୍ରନାଥ ଆତ୍ମହତ୍ୟା କରିବାକୁ ଚିନ୍ତା ମନ୍ଦିରରେ ରାମକୃଷ୍ଣ ପରମହଂସଙ୍କ ସହ ଜୀବନର ଗତି ପଥ ବଦଳିଥିଲା । ସେ ପ୍ରଭାବିତ ହୋଇଥିଲେ । ତେର ବର୍ଷ ଅଭ୍ୟାସ ଥିଲା । ରାମକୃଷ୍ଣଙ୍କ ନିକଟରେ ବସି ନୀତି କଥାମାନ ଶୁଣି ସେ ମନେରଖୁଥିଲେ ଏବଂ ପରେ ଡାଏରିରେ ଲେଖୁଥିଲେ । ରାମକୃଷ୍ଣ କେଉଁ ଦିନ, କେଉଁ ସମୟରେ କ'ଣ କହିଥିଲେ, ତାହା ତାଙ୍କ ଡାଏରି ମାନଙ୍କୁ ମିଳେ । ସ୍ୱାମୀ ବିବେକାନନ୍ଦ, ମହେନ୍ଦ୍ରନାଥଙ୍କ ମୂଳ ଡାଏରିଗୁଡ଼ିକ ପଢ଼ି ପ୍ରକାଶ କରିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ । ୧୯୦୨-୧୦ ମଧ୍ୟରେ ଡାଏରିଗୁଡ଼ିକ ଶ୍ରୀ ଶ୍ରୀ ରାମକୃଷ୍ଣ କଥାମୃତ ଭାବେ ପ୍ରକାଶିତ ହୋଇଥିଲା । ଶେଷ ଖଣ୍ଡ ୧୯୩୨ରେ ମହେନ୍ଦ୍ରନାଥଙ୍କ ମୃତ୍ୟୁ ପରେ ପରେ ପ୍ରକାଶ ପାଇଥିଲା । ମହେନ୍ଦ୍ରନାଥଙ୍କ କାଲକାତାସ୍ଥିତ ବାସଭବନର ନାମ କଥାମୃତ ଭବନ । ସେଠାରେ ବହୁ ବାର ରାମକୃଷ୍ଣ ଓ ଶାରଦା ଦେବୀଙ୍କ ପାଦ ପଡ଼ିଥିଲା । ୧୯୩୨ ଜୁନ୍ ଆଜିର ଦିନରେ ମହେନ୍ଦ୍ରନାଥଙ୍କ ଦେହାନ୍ତ ହୋଇଥିଲା ।

*କୁଆଁସରପୁର, ଯାଜପୁର : ୯୪୩୭୧୦୩୫୦୨*

## ତୀର୍ଯ୍ୟକ

# କହିଲେ କହିବ କହୁଛି

ଦୁନିଆରେ ସ୍ୱର୍ଗ କହିଲେ ଆମେ ପରିବାରକୁ ହିଁ ବୁଝାଇ ଥାଉ । ପରିବାର ମଧ୍ୟରେ ପ୍ରତ୍ୟେକ ସଦସ୍ୟ ସ୍ନେହ, ଶ୍ରଦ୍ଧା, ଭଲପାଇବା ମଧ୍ୟରେ ବନ୍ଧନଯୁକ୍ତ ହୋଇ ପରସ୍ପର ମଧ୍ୟରେ ଆପଣା ଭାବ ରଖି ପରିବାରକୁ କିପରି ସୁଦୃଢ଼ ଓ ସୁଶୃଙ୍ଖଳ କରାଯାଇ ତାହାର ଗୁରୁତ୍ୱ ଆଣିବା ସଂଗେ ସଂଗେ ପ୍ରତ୍ୟେକଙ୍କ ପାଇଁ ଜୀବନକୁ ଅମୂଲ୍ୟ ଭାବି ଖୁସିରେ ବଂଚି ପାରିବା ସେଥିପ୍ରତି ଗୁରୁତ୍ୱ ଦିଆଯାଇଥାଏ । ପ୍ରତ୍ୟେକ ଜୀବନରେ ହସ- କାନ୍ଦ, ସୁଖ-ଦୁଃଖ ମାଧ୍ୟମରେ ଭଗବାନ ସ୍ଥିର ରଖିଥାନ୍ତି । ତାହା ଯଦି ଜୀବନରେ ନ ରହେ ତାହାଲେ ମଣିଷ ଜୀବନର ସ୍ୱାଦ କିଛି ଜାଣିପାରିବ ନାହିଁ । ପରିବବାର ଜୀବନଧାରଣ ପରିଧି ମଧ୍ୟରେ ସବୁ କିଛି ସମସ୍ୟା, ଘଟଣା, ଦୁର୍ଘଟଣା ଘଟିବା ସୁନିଶ୍ଚିତ । ତଥାପି ତାହାରି ମଧ୍ୟରେ ଜୀବନର ଗତ ତୀଖର ଭାବେ ଚାଲିଥାଏ । କିନ୍ତୁ ଏହାକୁ ଯଦି ମଣିଷ ହୃଦୟଙ୍ଗମ ନକରି ପରିବାରକୁ ହେୟଜ୍ଞାନ କରିବା ସହ ବଡ଼ ମାନଙ୍କ କଥା ନ ବୁଝି, ଗୁରୁତ୍ୱ ନ ଦେଇ ନିଜର ଅହମିକା ବଳରେ ସେ ବଡ଼ ବୋଲି ଭାବେ ତେବେ ପରିବାର ନିଶ୍ଚିତ ଭାବେ ଛାରଖାର ହୋଇଯିବା ସହ ସେ ଅହମିକାଧାରୀ ମଣିଷ ଯେ ମୁହଁ ମାଡ଼ି ତଳେ ପଡ଼ିଯିବ ସେ କଥା ବି ସିଏ ଜାଣିପାରିବ ନାହିଁ । ଗତକାଲି ଜଣେ ପଡୋଶୀ ବ୍ୟକ୍ତି ଘରକୁ ଆସିଥିବା ବେଳେ ତାଙ୍କୁ କିଛି ସମୟ ପାଇଁ ପାଖରେ ବସି ରଖି ସବୁ ହାଲ ଚାଲ ବୁଝିଲି । କଥା ପ୍ରସଂଗରେ ସେ କହିଲେ ମାଆ ରେ ମୋତେ ଶୀଘ୍ର ଛାଡ଼ି ଦେ ନ ହେଲେ ମୋ ବୋହୂ ମୋତେ ଡଂଟିଆ ମାରି ଘରୁ ବାହାର କରିଦେବ । କି ଯୁଗ ହେଲାରେ ବାବା ବୋହୂର ପୁଣି ଏତେ ସାହସ ଆସିଲା କେଉଁଠୁ । କଥା କହୁ କହୁ କାନ୍ଦି ପକାଇ କହିଲେ ଜାଣିଚୁ ନା ଏ ବୁଢ଼ୀ ବୟସରେ କେତେ ଆଉ ପାଇଟୀ କରିମି । ଘରର ଯାବତୀୟ କାମ ସହ ରାତିରେ ବୋହୂର ମଧ୍ୟ ଗୋଡ଼ ମୋଡାମୋଡି କରିଦିଏ । କେବଳ ଯେ ମୁଁ କରେ ତାହା ନୁହେଁ ମୋ ପୁଅ ମଧ୍ୟ କରେ । ପ୍ରତ୍ୟେକ ଦିନ ରାତିରେ ମୋ ପୁଅ ଅଇଁଠା ବାସନ ମାଜି ରଖି ଦିଏ । ଆଉ ସକାଳୁ ଯେତେକ ରନ୍ଧା ବାସନ ଥାଏ ମୁଁ ମାଜି ଦିଏ । ଖାଇଲା ବେଳକୁ ଯାହା ଥିବ ନିଜେ ଆଣି ମୁଁ ଖାଏଁ । ଦେହ ଖରାପ ହେଲେ ପାଣି ମୁନ୍ଦେ ମଧ୍ୟ ଦେବାକୁ କେହି ନାହିଁ । ଜନ୍ମ କଲା ପୁଅ ମଧ୍ୟ କଷ୍ଟ ପାଉଚି । ତା' ପାଖରୁ ମୁଁ ଆଉ କି ସେବା ଚାହିଁବି । ପ୍ରତ୍ୟେକ ଦିନ ଘରେ କିଟିମିଟି ଚାଲିଛି । ବୋହୂର ସବୁବେଳେ ଗାଳିଗୁଲଜ । କେତେ ବା ସହିବି ? ଝିଅ ଘରେ କଣ ସବୁ ଦିନେ ରହି ହେବ ? କେତେ କଷ୍ଟରେ ମୁଁ ଆଉ ତ ମଉସା ଏ ଘରଟିକୁ କରିଥିଲୁ ଅଥଚ ଏ ବୁଢ଼ା ବୟସରେ ଘରଟି ମଧ୍ୟ ନିଜର ହଉନି । ସରେ କଣ ଏମିତି ଜୀବନ ବାର୍ଦ୍ଧକ୍ୟ ଅବସ୍ଥାରେ ଭୋଗିବାକୁ ପଡ଼ିବ । ଯଦି ସେମିତି ହିଁ ତାହାଲେ ଏ ଦୁନିଆରେ କଣ ଧର୍ମ ଉଠିଗଲାଣି କି ? ପୁଅ ଜନ୍ମ କରିବା କଣ ପାପ ହେବ କି ? ମଲା ବେଳକୁ ସମସ୍ତେ ଚାହାଁନ୍ତି ମୁହଁରେ ପୁଅ ନିଆଁ ଦେଉ ଏବଂ ଶ୍ରାଦ୍ଧକର୍ମ ପୁଅ-ବୋହୂ ଦୁହେଁ ମିଶି କରନ୍ତୁ । ଯେଉଁ ନିଆଁଗିଳା କୁ- ସଂସ୍କାରୀ ବୋହୂ ଶାଶୁ ଘରକୁ ଆସି ଘରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଉଛନ୍ତି ସେମାନଙ୍କୁ ଶହେ ସଲାମ । ବୁଝି ପାରୁ ନାହାଁନ୍ତି କରୁଥିବା କର୍ମ ଯୋଗୁଁ ସେମାନଙ୍କୁ ଯେ ପରିଶେଷରେ ଭୋଗ କରିବାକୁ ପଡ଼ିବ । ବର୍ତମାନ ଠାରୁ ଯଦି ସାବଧାନ ନରହନ୍ତି ତାହାଲେ ନର୍କ ଯନ୍ତ୍ରଣା ଯେ କି ଭୟଙ୍କର ତାହା ଆଗାମୀ ସମୟ ହିଁ କହିବ । ଏବେ ଠାରୁ ସଜାଗ ରହି ଶାଶୁ-ଶ୍ୱଶୁର ଏବଂ ଗୁରୁଜନଙ୍କ ଠାରୁ ଆର୍ଶୀବାଦ ନେବା ସହ ସାନ ମାନଙ୍କୁ ସ୍ନେହ ଶ୍ରଦ୍ଧା କରି ଭଲ ପାଇବା ଠୁଳାଇ ନିଅନ୍ତୁ ତେବେ ଯାଇ ପରିବାର ରଥ ସୁରୁଖୁରୁରେ ଗଡ଼ି ପାରିବ ଏବଂ ପରିବାର ଲୋକେ ହସ ଖୁସିରେ ଜୀବନ ଯାପନ କରିପାରିବେ । ତେବେ ଯାଇ ପରିବାର ଯେ ସ୍ୱର୍ଗ ତାହାର ସଠିକ୍ ନିର୍ଯ୍ୟାସ ହୋଇ ପାରିବ ।











# ଗୃହସ୍ଥର ଧର୍ମ

◆ ଭବାଶିଷ ଦାସ

ସାଂସାରିକ ଜୀବନରେ ଗୃହସ୍ଥଙ୍କ ଧର୍ମ ଅତ୍ୟନ୍ତ ବ୍ୟାପକ ଓ ଜଟିଳ ବୋଲି କେହି କେହି ମତ ଦେଇଥାନ୍ତି । ଆଜିକାଲିର ସମୟ ଓ ସମାଜକୁ ଦେଖିଲେ ତେଲଲୁଣର କର୍ମବ୍ୟସ୍ତ ଜୀବନ ଭିତରେ ଗୃହସ୍ଥଙ୍କ କର୍ମ ସମ୍ପାଦନ ଖଣ୍ଡାଧାର ସଦୃଶ ପରି ହୋଇଥାଏ । ତେବେ ଗୃହସ୍ଥଙ୍କ ଧର୍ମ ସମ୍ପର୍କରେ ଏକ ଛୋଟିଆ ଆଲୋଚନାଟି ଉପସ୍ଥାପନ କରୁଛି । ଗୃହସ୍ଥର ଧର୍ମ ସଂପର୍କରେ ଔର୍ବ ମହର୍ଷି ମହାରାଜ ସଗରଙ୍କୁ ଦେଇଥିବା




ଉପଦେଶ ଏହି ପରି ସ୍ୱଚ୍ଛ, ନିର୍ମଳ ଏବଂ ପବିତ୍ର ବସ୍ତ୍ର ଧାରଣ କରିବା ଗୃହସ୍ଥର ଧର୍ମ । ସେ ମଧୁରଭାଷୀ ଏବଂ ଉଦାର ସ୍ୱଭାବବିଶିଷ୍ଟ ହେବା ଉଚିତ । ସର୍ବଦା ସତ କହିବ ଏବଂ ସଜ୍ଜନଙ୍କ ମେଳରେ ରହିବ । ସେବା ଏବଂ ଦାନ ଗୃହସ୍ଥର ମୁଖ୍ୟ ଧର୍ମ । ପୁଣି କୌଣସି କାର୍ଯ୍ୟ ଭଲ ଭାବେ ଚିନ୍ତା ନକରି କରିବ ନାହିଁ । ନାକ କୁଣ୍ଡାଇବା, ମୁଖ ବନ୍ଦ ଥିବା ବେଳେ କାଶିବା ବା ଛିଙ୍କିବା, ଅକାରଣରେ ଜୋରରେ ହସିବା, ଓଠ, କେଶ ଓ ନଖ କାମୁଡ଼ିବା, ଭୂଇଁ ଉପରେ ଆଙ୍ଗୁଠିରେ ଲେଖିବା, ନଗ୍ନ ଅବସ୍ଥାରେ ଥିବା ଅନ୍ୟର ସ୍ତ୍ରୀକୁ ଅନେଇବା, ନଗ୍ନ ହୋଇ ଶୟନ କରିବା, ଆଚମନ ନକରି ଭୋଜନ କରିବା, ଦେବତା ଓ ଅତିଥିଙ୍କୁ ନ ଦେଇ ଖାଇବା, ଅଶ୍ୱତ୍ଥ ବୃକ୍ଷ ମୂଳେ ଶୋଇବା, ଶୁଭକର୍ମ ସଂପାଦନ କରୁଥିବା ବେଳେ ଛେପ ପକାଇବା, ସନ୍ଧ୍ୟା ଓ ଗ୍ରହଣକାଳ ଭଳି ଅଶୁଦ୍ଧ ସମୟରେ ଶାସ୍ତ୍ର ଅଧ୍ୟୟନ କରିବା ଏବଂ ଅଧିକ ସମୟ ଶୟନ, ମୈଥୁନ ଓ ବ୍ୟାୟାମ ଗୃହସ୍ଥର ଧର୍ମ ନୁହେଁ, ତେଣୁ ବର୍ଜନୀୟ । ଜଣେ ଆଦର୍ଶ ଗୃହସ୍ଥ ହେବା ପାଇଁ ଜାତି, ଧର୍ମ, ବର୍ଣ୍ଣ, ଅର୍ଥ, କ୍ଷମତା, ରୂପ ସୌନ୍ଦର୍ଯ୍ୟ ଦରକାର ପଡ଼ିନଥାଏ । ସର୍ବନିମ୍ନ ଆଧ୍ୟାତ୍ମିକ ଜୀବନ ଓ ନିଜ ଇଷ୍ଟ ବା ଗୁରୁଙ୍କ ମାର୍ଗ ନିର୍ଦ୍ଦେଶିତ ଦିବ୍ୟ ରାସ୍ତାରେ ଆଗେଇବା ପାଇଁ ଜଣେ ଉଦ୍ୟମ ଆରମ୍ଭ କଲେ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ନିଶ୍ଚେ ହୋଇପାରିବା । ସଂସାର ଅଛି ତ ଦୁଃଖ, କଷ୍ଟ, ଅଭାବ, ଯନ୍ତ୍ରଣା, ଅପମାନ ଆଦି ଅନେକ ରହିବ । ତେବେ ଏସବୁ ଥିରୁ ନିଜକୁ ମୁକ୍ତ ରଖି ନିଜ ଜୀବନକୁ ଇଷ୍ଟଙ୍କ ନିର୍ଦ୍ଦେଶିତ ରାସ୍ତାରେ ଆଗେଇ ଚାଲି ଅନ୍ୟ ମାନଙ୍କ ପାଇଁ ସେବା ସମର୍ପିତ ମନ ଓ ଚିନ୍ତନ ରଖିଲେ ଗୃହସ୍ଥଙ୍କ ଆଧ୍ୟାତ୍ମିକ ଜୀବନ ନିଶ୍ଚିନ୍ତ ସୁଖମୟ ହେବ ଭଗବାନଙ୍କ ଦିବ୍ୟ ଆଶୀର୍ବାଦରୁ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*ପ୍ଲଟ ନଂ - ୧୪୫୦,*
*ସେକ୍ଟର-୧୦, ସିଡିଏ, କଟକ :*
*୯୮୬୧୧୧୮୬୭୩*

# ଶୁପକ୍ଷୀଙ୍କ ଅଜବ କଥା



□ କୁମ୍ଭୀର ନିଜ ଜିଭକୁ ପାଟି ବାହାରକୁ କାଢ଼ିପାରେ ନାହିଁ । କୁମ୍ଭୀରର ବୟସ ବଢ଼ିବା ସହିତ ପୁରୁଣା ଦାନ୍ତ ଜାଗାରେ ନୂଆ ଦାନ୍ତ ପ୍ରତିସ୍ଥାପିତ ହୋଇଥାଏ । ଏଥିପାଇଁ କେଉଁ ଦନ୍ତ ବିଶେଷଜ୍ଞଙ୍କ ସାହାଯ୍ୟ ଦରକାର ହୋଇ ନଥାଏ । ଏହା ପ୍ରକୃତିର ଏକ ବିସ୍ମୟ ।



□ ମୁଣ୍ଡ କଟିଗଲା ପରେ ମଧ ଅସରପା ଅନେକ ସପ୍ତାହ ପର୍ଯ୍ୟନ୍ତ ବଂଚି ରହିପାରେ । ତେବେ ସେତିକି ଦିନ କିଛି ନ ଖାଇ ପାରିବା ଯୋଗୁଁ ତାହାର ପର ମୁହତ□ରେ ମୃତ୍ୟୁ ହୁଏ ।

□ ଜାଣିଶେ ଆଶ୍ଚର୍ଯ୍ୟ ହେବ ଯେ ଗୋଟିଏ ଚୁଚୁନ୍ଦ୍ରା ରାତିଟିଏ ଭିତରେ ୩୦୦ ଫୁଟ୍ ଲମ୍ବର ସୁଡ଼ଙ୍ଗ ଖୋଳିପାରେ ।

□ ଦୁନିଆର ସବୁଠୁ ଲମ୍ବା ନିଦ୍ରା କାହାର ଜାଣିଛ କି? ଗେଣ୍ଡା ଏକାଦିକ୍ରମେ ତିନି ବର୍ଷ ପର୍ଯ୍ୟନ୍ତ ଶୋଇ ରହିପାରେ ।



□ ଆମେ ଜାଣିଛୁ ଯେ ମଣିଷ ମାନେ କେବଳ ବାମହାତୀ ହୋଇଥାଆନ୍ତି । ତେବେ ମେରୁ ଅଂଚଳର ଧଳାଭାଲୁ ମଧ ବାମହାତୀ ଥାଆନ୍ତି ।



□ ଅଷ୍ଟ୍ରିଚ୍ ବା ଓଟପକ୍ଷୀର ମସ୍ତିଷ୍କ ତାହାର ଆଖିର ଆକାରଠାରୁ ମଧ ଛୋଟ ।

# ଅମୃତ ଆନନ୍ଦ

◆ ହେମନ୍ତ କୁମାର ପରିଡ଼ା

ଆତ୍ମ ଉପଲବ୍ଧି ଜୀବନର ପରମ ଲକ୍ଷ୍ୟ । ଆତ୍ମା କୌଣସି ବାହ୍ୟ ବସ୍ତୁ କିମ୍ବା ଦୂରାଗତ ପଦାର୍ଥ ନୁହେଁ । ମୁଁ ସ୍ୱୟଂ ହିଁ ଆତ୍ମା । ଏହି ବସ୍ତୁତ ସ୍ୱସତାର ଉପଲବ୍ଧି ପାଇଁ ଏତେସବୁ ପ୍ରୟାସ । ଆମର ଜନ୍ମ ଆମର ସମସ୍ତ କର୍ମ, ଏହି ବିଶ୍ୱର ସଂସାର ପରମ ଈଶ୍ୱର । ବେଦ ବେଦାନ୍ତ ଆଦି ସମସ୍ତ ଶାସ୍ତ୍ରର ଲକ୍ଷ୍ୟ ଓ ଆବଶ୍ୟକତା କେବଳ ଏହି ଆତ୍ମ ଉପଲବ୍ଧି ପାଇଁ । ଦୁର୍ଲଭ ମାନବ ଜନ୍ମ ଯଦି ଏହା ଏହି ଜନ୍ମରେ ନହେଲା ତେବେ ଜୀବନ ବ୍ୟର୍ଥ ହୋଇଗଲା । ମିଳିଥିବା ସୁଯୋଗ ହାତଛଡ଼ା ହେଲାବୋଲି ବୁଝିବାକୁ ହେବ । ସଂସାର ଚକ୍ର ଘୁରୁଛି । ଶାସ୍ତ୍ରରେ କୁହାଯାଇଛି 'ପୁନର୍ବିତଂ ପୁନର୍ମିତ୍ରଂ ପୁନର୍ଭାର୍ଯ୍ୟା ପୁନର୍ମହୀ, ଏତ ସର୍ବଂ ପୁନଲଭ୍ୟଂ ନଶରୀର ପୁନଃ ପୁନଃ ।' ବିତ, ମିତ୍ର, ଭାର୍ଯ୍ୟା, ଭୂପତି ହେବା ବାରମ୍ବାର ଜୀବନରେ ଆସିପାରେ ହେଲେ ପ୍ରାପ୍ତ ହୋଇଥିବା ଏହି ଶରୀର କେବେ ପୁନର୍ବାର ପ୍ରାପ୍ତ ହୁଏ ନାହିଁ । ଏହି ସଂସାର ରୂପକ ଜନ୍ମ ମୃତ୍ୟୁ ଚକ୍ର ଅତ୍ୟନ୍ତ ଦୁଃଖଦାୟକ । ବୁଦ୍ଧିମାନ ବ୍ୟକ୍ତି ଏହି ସଂସାର ଚକ୍ରରୁ ନିବୃତ ହେବାପାଇଁ ପ୍ରାପ୍ତ ସୁଯୋଗକୁ ଆଦୌ ହାତଛଡ଼ା କରିବା ଉଚିତ ନୁହେଁ । ଏଥିରୁ ନିବୃତ ହେବାର ପୂର୍ଣ୍ଣ ଅଧିକାର ଆମର ଅଛି । ମୁକ୍ତି ମନୁଷ୍ୟର ଜନ୍ମଗତ ଅଧିକାର । ଏହି ଅଧିକାରରୁ କେହି ଆମକୁ ବଂଚିତ କରି ପାରିବେ ନାହିଁ କିମ୍ବା ବାଧା ଦେଇ ପାରିବେ ନାହିଁ । କିନ୍ତୁ ନିବୃତ ହେବାର ଦାୟିତ୍ୱ ଆମର । ଆତ୍ମ ସାକ୍ଷାତକାର ବା ଆତ୍ମ ଉପଲବ୍ଧି କୌଣସି ଏକ ଅଦ୍ଭୁତ ଉଦ୍ଭାବନ ନୁହେଁ କିମ୍ବା କୌଣସି ନୂତନ ବସ୍ତୁର ପ୍ରାପ୍ତି ନୁହେଁ । ଆତ୍ମ



ବିସ୍ମୃତିର ଉପଲବ୍ଧି ବା ଆବିଷ୍କାର ହେଉଛି ଆତ୍ମ ସାକ୍ଷାତକାର । ଏହା ଏକ ବୋଧ, ଏକ ଅବଗତି । ବିସ୍ମୃତ ଚେତନାର ପୁନ୍ନ ଜାଗରଣ ସହିତ ତାକୁ ଅନୁଭବ କରିବାର ଅବବୋଧ ହେଉଛି ଆତ୍ମ ଉପଲବ୍ଧି । ଏଥିପାଇଁ ସମୟ, ଶ୍ରମ, ଅବାଗମନ ଆଦି କିଛିର ଆବଶ୍ୟକତା ନାହିଁ । କେବଳ ବୋଧ ହେବାର ଅଛି । ଏହି ବୋଧଶୀଳ ଅବସ୍ଥା ସବୁଠାରୁ ସହଜ ଓ ସବୁଠାରୁ କଷ୍ଟ ମଧ । ମୁଁ ଆତ୍ମା । ଏହି ବୋଧ ଦୃଢ଼ ହୋଇଗଲେ ହେଲା । ଖାଲି ଶୁଣା କଥାରେ ଆତ୍ମଜ୍ଞାନ ହୋଇଯାଏ ନାହିଁ । ପୋଥିଗତ ବିଦ୍ୟାକୁ ଅନୁଭବରେ ଆଣିବାକୁ ହେବ । ମିଳିଥିବା ଜ୍ଞାନକୁ ବିଜ୍ଞାନରେ ରୂପାନ୍ତର କରିବାକୁ ହେବ । କୁହାଯାଇଛି - 'ଜ୍ଞାନ ଶାସ୍ତ୍ରୀୟ, ବିଜ୍ଞାନ ଅନୁଭବ' । ଜ୍ଞାନ ବିଜ୍ଞାନ ନ ହେଲେ ଅନୁଭବରେ ଆସିବ ନାହିଁ । ଜ୍ଞାନ ବିଜ୍ଞାନ ହେବା ଅର୍ଥ ନିଜ ସ୍ଥିତିରେ ଦୃଢ଼ ହେବ । ଆତ୍ମ ସଚ୍ଚିଦାନନ୍ଦ ସ୍ୱରୂପ । ଏହା ଆତ୍ମ ସ୍ଥିତି । ସତ ଏବଂ ଚିତ ଏକ ଏବଂ ଅଭିନ୍ନ । ଯେଉଁଠାରେ ସତ ଯେଉଁଠାରେ ଚିତ ସେଠାରେ ସ୍ୱତଃ ଆନନ୍ଦ ଅଭିବ୍ୟକ୍ତ ହେବେ । ଏହା ଏକ ଅନିର୍ବଚନୀୟ ସ୍ଥିତି । ପରମ ଆନନ୍ଦ, ପରମ ପ୍ରଶାନ୍ତିର ଏହା ଘନୀଭୂତ ରୂପ । ଚେତନାର ଜାଗରଣରେ ପରମ ଆନନ୍ଦ ପ୍ରାପ୍ତ ହୁଏ । ପ୍ରଥମେ ଗୁରୁ କିମ୍ବା ଜ୍ଞାନୀ ମାନଙ୍କ ମୁଖରୁ ଶୁଣିବା ଦରକାର । ଏହି ବିଷୟରେ ସ୍ୱାଧ୍ୟାୟ କରିବା ଉଚିତ । ତାପରେ ଯାହା ଶ୍ରବଣ ଓ ସ୍ୱାଧ୍ୟାୟରୁ ଜାଣିଲେ ତାହା ବିଷୟରେ ମନନ କରିବା ଦରକାର । ଏହି ବିଚାର ଗଭୀର ହେଲେ ଧୀରେ ଧୀରେ ଧ୍ୟାନରେ ମନ ନିମଗ୍ନ ହୋଇଯିବ । ଗଭୀର ଧ୍ୟାନ ଦ୍ୱାରା ଆତ୍ମସାକ୍ଷାତକାର ସମ୍ଭବ ହୋଇପାରିବ । ସେତେବେଳେ ସ୍ୱତଃ ଅନୁଭବ ହେବ 'ତତ ତ୍ୱମ ଅସି' । ମୁଁ ହିଁ ସେହି ଅନିର୍ବଚନୀୟ ସତା । ମୁଁ ଏକ ଏବଂ ଅଭିନ୍ନ । ଧ୍ୟାନ ବିନା ଜ୍ଞାନ ନାହିଁ । ଧ୍ୟାନ ହେଉଛି ଏକତ୍ୱ ଅନୁଭବର ସାଧନା । ନିୟମିତ ଧ୍ୟାନ ସାଧକକୁ ଅଧିକରୁ ଅଧିକ ଅନ୍ତର୍ମୁଖୀ କରିଥାଏ । ଧ୍ୟାନ ଦ୍ୱାରା ମନ ସୂକ୍ଷ୍ମର ସୂକ୍ଷ୍ମତର ହୋଇ ଶେଷରେ ଆତ୍ମ ଚେତନାରେ ନିମଜ୍ଜିତ ହୋଇଯାଏ । ଆତ୍ମ ଚେତନା ସହ ଏକାକାର ହେବା ହେଉଛି ଅମୃତ ପ୍ରାପ୍ତି । ଏକଦା ଅମୃତ ପ୍ରାପ୍ତି ପାଇଁ ବିଶ୍ୱର ଦୁଇ ବୃହତ ଶକ୍ତି ଦେବ ଓ ଦାନବ ମାନେ ଏକତ୍ରିତ ହୋଇ ସମୁଦ୍ର ମନ୍ଥନ କରିଥିଲେ । ସମୁଦ୍ର ମନ୍ଥନରୁ ଅନେକ ଅମୂଲ୍ୟ ବସ୍ତୁ ସହିତ ଅମୃତ ପ୍ରକଟ ହୋଇ ଥିଲେ । ମନ୍ଥନ ପ୍ରଭାବରେ ପ୍ରଥମେ ହଳାହଳ ବିଷ ପ୍ରକଟ ହୋଇଥିଲା । ସମୁଦ୍ର ମନ୍ଥନ ହେଉଛି ପ୍ରତୀକାତ୍ମକ ଭାବେ ମାନସ ମନ୍ଥନ । ସେହିଭଳି ଧ୍ୟାନ ହେଉଛି ମାନସ ମନ୍ଥନ । ମନର ମୂଳେ ଏ ଜଗତ । ଆମରି ମନତିର ବିଷ, ଆମରି ମନରେ ଅମୃତ । ମନ ହେଉଛି ରତ୍ନଗର୍ଭା ରତ୍ନାକର । ଆପଣାର ସମସ୍ତ ଶକ୍ତି ଲଗାଇ ଧ୍ୟାନ କରିବାକୁ ପଡ଼ିଥାଏ । ଧ୍ୟାନ କଲେ ଅନନ୍ତ ଜନ୍ମରୁ ସଂଚିତ ପାପ କର୍ମର ଫଳ ପ୍ରଥମେ ସମ୍ମୁଖକୁ ଆସିଥାଏ ଶେଷରେ ଅମୃତ ପ୍ରକଟ ହୋଇଥାନ୍ତି । ଆତ୍ମ ଅନୁଭବ ହେଉଛି ଅମୃତ ପ୍ରାପ୍ତି । ଏହା ସମାଧିର ଗଭୀରତମ ଅବସ୍ଥାରେ ଅନୁଭୂତ ହୋଇଥାଏ । ଆମର ସମସ୍ତ ସାଧନାର ମୂଳ ହେଉଛି ଶାଶ୍ୱତ ଶାନ୍ତି ଏବଂ ପରମାନନ୍ଦ ପ୍ରାପ୍ତି । ଏଥିପାଇଁ ଧ୍ୟାନ ହେଉଛି ପ୍ରଶସ୍ତ ପଥ । ଧ୍ୟାନ କରିବା ନୁହେଁ ଧ୍ୟାନ ସ୍ୱାଭାବିକ ଭାବେ ସ୍ୱତଃ ହୋଇଚିବା ଉଚିତ । ଗଭୀର ପ୍ରେମ ହେଉଛି ଗଭୀର ଧ୍ୟାନର ଆଧାର । ଜଣେ ମା'ର ତା ନବଜାତ ଶିଶୁ ପ୍ରତି ମାନସିକ ଆକର୍ଷଣ, ପ୍ରେମିକ ପ୍ରେମିକାଙ୍କର ମାନସିକ ଆକର୍ଷଣ ଭଳି ଈଶ୍ୱରଙ୍କ ପ୍ରତି ଆକର୍ଷଣ ହେବା ଦରକାର । ସତସଙ୍ଗ, ସ୍ୱାଧ୍ୟାୟ, ଶ୍ରଦ୍ଧା, ଭକ୍ତି, ପ୍ରେମ ଧୀରେ ଧୀରେ ଧ୍ୟାନରେ ରୂପାନ୍ତର ହୋଇଯାଏ । ସେତେବେଳେ ଧ୍ୟାନ କରିବାକୁ ପଡ଼େ ନାହିଁ । ଧ୍ୟାନ ସ୍ୱତଃ ହୋଇ ଯାଏ । ଭଗବାନ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - 'ତସ୍ମାସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ । ମର୍ଯ୍ୟାର୍ପିତ ମନୋବୁଦ୍ଧିର୍ମାମେ ବୈଷ୍ୟସ୍ୟ ସଂଶୟ' ଅର୍ଥାତ୍ ତୁମେ ସବୁ ସମୟରେ ମୋତେ ସ୍ମରଣକର ଏବଂ ଯୁଦ୍ଧ କର । (ଯୁଦ୍ଧ ଅର୍ଥ ଏଠାରେ କର୍ତବ୍ୟ କର୍ମ) ମୋ ଠାରେ ମନବୁଦ୍ଧି ଅର୍ପଣ କଲେ ନିଃସନ୍ଦେହରେ ମୋତେ ହିଁ ପ୍ରାପ୍ତି ହେବ । ଏହା ହେଉଛି ସବୁ ସାଧନାର ମୂଳ ବୀଜ । ପ୍ରେମ ଭକ୍ତିର ସହିତ ଈଶ୍ୱରାନୁରାଗ ଧୀରେ ଧୀରେ ସାଧନାର ଗଭୀରତମ ପ୍ରଦେଶ ସୂକ୍ଷ୍ମାତି ସୂକ୍ଷ୍ମ ସମାଧି ଆଡ଼କୁ ଟାଣି ନେବ । ପରମ ପ୍ରଶାନ୍ତି, ପରମ ଆନନ୍ଦ କୌଣସି ଗ୍ରନ୍ଥ ବା ମଠ ମନ୍ଦିର, ମସଜିଦ, ଚର୍ଚ୍ଚ ଆଦିରେ ମିଳେ ନାହିଁ । ଏହା ଅନ୍ତକରଣର ସଂଚିତ ଗୁପ୍ତଧନ । ଗଭୀର ଧ୍ୟାନ ଦ୍ୱାରା ମାନସ ମନ୍ଥନ କରି ଅପାର ଆନନ୍ଦର ଅମୃତ ଧାରା ପାନ କରିବାକୁ ହୋଇଥାଏ । ଅମୃତ ଆନନ୍ଦ ସମସ୍ତଙ୍କୁ ପ୍ରାପ୍ତ ହେଉ ।

*ସିଡ଼ିଏ, କଟକ, :*
*୮୭୬୩୧୦୭୧୨୬*

# ଆହାର ଓ ବିହାରରେ ସନ୍ତୁଳନ ଜରୁରୀ

ପ୍ରଥମେ ଆହାର ଓ ବିହାରରେ ସନ୍ତୁଳନ ନିହାତି ଜରୁରୀ । ପାନ-ମଦ-ଗୁଟ୍ଖା ଆଦି ଆଦୌ ଖାଇବା ଉଚିତ ନୁହେଁ । ହାଲକା ଖାଦ୍ୟ ଅଳ୍ପ ଅଳ୍ପ ପରିମାଣରେ ବାରମ୍ବାର ଖାଇବା ଉଚିତ । ଯଥେଷ୍ଟ ପରିମାଣରେ ପାଣି ପିଇବା ଉଚିତ । ପୋଟଳ, କଲରା, ଅମୃତଭଣ୍ଡା, ଅଳେଇଚ, ଗୋଲମରିଚ, ଜୁଆଣି, ସୈନ୍ଧବ ଲୁଣ, ଖଜରା, କିସ୍‌ମିସ୍ ଆଦି ଏହି ଯୋଗ ପାଇଁ ପଥ୍ୟ । ରୋଗୀ ସକାଳୁ ଖାଲିପେଟରେ ଅଭ୍ୟାସବଶତଃ ପ୍ରଚୁର ପାଣି ପିଇବା ଉଚିତ । ପ୍ରଥମେ ପ୍ରଥମେ ଲାଗିପାରେ ମାତ୍ର ଅଭ୍ୟାସ କରି ପିଇଲେ ଚମତ୍କାର ଲାଭ ହୋଇଥାଏ ।

❖ରୋଗୀ ପ୍ରତ୍ୟେହ ଅଁଳା ଓ ପାନମଧୁରୀ ବତୁରା ପାଣି ପିଇଲେ ଅମ୍ଳପି□ (ଏସିଡିଟି)ରୁ ମୁକ୍ତି ମିଳିଥାଏ ।

❖ପଂଚ□କର୍ମ ବିଧି ମୁତାବକ ସ୍ନେହପାନ ଏବଂ ବିରୋଚନ ପଦ୍ଧତି ଅନୁସରଣ କଲେ ଏସିଡିଟି ବା ତତ୍‌ଜନିତ ଉପଦ୍ରବରୁ ଉପଶମ ମିଳିଥାଏ ।

❖ରୋଗୀର ଦେହବଳ, ଦେହ ପ୍ରକୃତି ତଥା ଦୋଷମାନଙ୍କର ଅଂଶାଂଶ କଳ୍ପନା କରିବା ଲକ୍ଷ୍ୟ ରଖି ଚିକିତ୍ସକ ପରାମର୍ଶ ମୁତାବକ ଆର୍ଦ୍ରକ ରସାୟନ, ଦ୍ରାକ୍ଷାଦି ଲେହ, ଶ୍ୱେତ ଶେଖର ରସ, କାମଦୁଧା ରସ, ହିଙ୍ଗୁବଚାଦି ବଟୀ, ହିଂଗ୍ୱାଷ୍ଟିକ୍ ଚୂର୍ଣ୍ଣ, ଯବନ୍ୟାଦି ଚୂର୍ଣ୍ଣ, ବାଡ଼ିମାଷ୍ଟକ ଚୂର୍ଣ୍ଣ ଆଦି ଶାସ୍ତ୍ରୀୟ ଔଷଧର ପ୍ରୟୋଗ କରାଗଲେ ଏସିଡିରୁ ଉପଶମ ମିଳିଥାଏ ।



◆ ଖାଦ୍ୟ ଭଲ ଭାବରେ ହଜମ ନହୋଇ ଛାତିରେ ଜମାଟ ହେଲା ପରି ଲାଗେ । ପେଟ ଓଜନିଆ ଲାଗିପାରେ ।

◆ ଅଳ୍ପ କିଛି ଖାଇଲେଦେଲେ ଆଶ୍ୱସ୍ତି ଲାଗି ଛାତିରେ ଜଳାପୋଡ଼ା ହେବା, ତଣ୍ଡିରେ ଜଳାପୋଡ଼ା ହେବା, ଆମ୍ବିଳି ହାକୁଡ଼ି ହେବା ଆଦି ଲକ୍ଷଣ ଦେଖାଯାଇପାରେ ।

◆ ରୋଗୀର ଛାତି ଓ ପେଟରେ ଛୁଂଚି ଫୋଡ଼ିଲା ପରି ଲାଗିପାରେ ।

◆ ଅଧିକ ସମୟ ଭୋକରେ ରହିଲେ ମୁଣ୍ଡ ବୁଲେଇ ହେବା ପେଟ କାଟି କାଟି ହେବା ଦେଖାଯାଇପାରେ ।

◆ ରୋଗୀର ପେଟ ଭିତରେ, ଆଖି ଆଦିରେ ଗରମ ବାମ୍ଫ ବାହାରିଲା ପରି ଲାଗିବାର ଅଭିଯୋଗ କରିଥାଏ ।

◆ ଖାଦ୍ୟ ଅପଚନ ହେତୁ ଗ୍ୟାସ୍‌ର ସମସ୍ୟା ମଧ ଦେଖା ଯାଇ ପାରେ ।

◆ ରୋଗୀ କୌଣସି ଖାଦ୍ୟ ଖାଇବାକୁ ଇଚ୍ଛା କରେନାହିଁ । ତା'ର ମାନସିକ ଦୁର୍ଶ୍ଚିନ୍ତା ବଢ଼ିବା ସହ ବିନା କାରଣରେ ଛାତି ଧଡ଼ପଡ଼ ହେବା କୌଣସି ଜୋର୍ ଶବ୍ଦ ବା ଟେଲିଫୋନ୍ ରିଂ ବା କଲିଂ ବେଲ୍ ଶବ୍ଦ ପୁଣି ହଠାତ୍ ଚମକି ଯିବା ଆଦି ଲକ୍ଷ୍ୟର ପ୍ରକାଶ ପାଇଥାଏ ।

■ ସବୁବେଳେ ବାନ୍ତି ବାନ୍ତି ଲାଗି ମୁଣ୍ଡବିନ୍ଧା ମଧ ଲାଗିରହେ ।

■ ରୋଗୀ ଛାତିରେ ଶୂଳ ପେଟ ଗଳାରେ ଶୂଳ ହୋଇଥାଏ । ବେଳେବେଳେ ଏହି ଶୂଳ ଦେହସାରା ବୁଲିଲା ଭଳି ଲାଗିଥାଏ ଯେମିତି କି, କେତେ ବେଳେ ଛାତିରେତ କେତେ ବେଳେ କଣ୍ଠରେ ତ ପୁଣି କିଛି ସମୟ ପରେ ଦୁଇ ପାଖରେ ହୋଇ ପାରେ ।

■ ଏସିଡିଟିରେ ପିତ□ ପ୍ରଦୂଷିତ ହେଉ ଥିବାରୁ କିଛି ଚର୍ମରୋଗ ମଧ ଉତ୍ପନ୍ନ ହୋଇପାରେ ।

+++

# ପିଲାଙ୍କ ବ୍ୟବହାର

◆ ଗିରିଧାରୀ ସାମଲ



□ପିଲା ଯଦି ପାଠ ପଢୁଛନ୍ତି ତେବେ ସେମାନଙ୍କୁ ପାଠପଢ଼ା ପ୍ରତି ଉତ୍ସାହିତ କରନ୍ତୁ । ପିଲାର ପାଠ ପ୍ରତି କିଭଳି ଆଗ୍ରହ ବଢ଼ିବ ସେଥିପ୍ରତି ମଧ ନଜର ଦିଅନ୍ତୁ ।

□ଘରେ ହୋମଓ୍ୱାର୍କ କରିବା ସମୟରେ ପିଲା ତାହାକୁ ଠିକ୍ ଭାବରେ କରୁଛି କି ନାହିଁ ତଦାରଖ କରନ୍ତୁ ।

□ବାହାରକୁ ବୁଲିବାକୁ ଯାଉଥିଲେ ସାଙ୍ଗରେ ପିଲାଙ୍କୁ ନିଅନ୍ତୁ । ଯଦି କୌଣସି ଦର୍ଶନୀୟ ସ୍ଥାନକୁ ଯାଉଛନ୍ତି ତେବେ ସେ ସ୍ଥାନ ବିଷୟରେ ପିଲାଙ୍କୁ ପ୍ରାକ୍ ସୂଚନା ଦିଅନ୍ତୁ । ନିର୍ଦ୍ଦିଷ୍ଟ ସ୍ଥାନରେ ପହଂଚିବା ପରେ ପିଲାଙ୍କୁ ସେ ଜାଗା ସମ୍ପର୍କରେ ସବିଶେଷ କୁହନ୍ତୁ । ପିଲା କିଛି ପଚାରିବାକୁ ଚାହୁଁଥିଲେ ତାହାକୁ ଏଡ଼ାଇ ଦିଅନ୍ତୁ ନାହିଁ ।



□ପିଲାର ରୋଲ ମଡ଼େଲ କିଏ ଲକ୍ଷ୍ୟ କରନ୍ତୁ । ଯଦି ତାଙ୍କ ସମ୍ପର୍କରେ ଜାଣିଛନ୍ତି ତେବେ ପିଲାଙ୍କୁ କୁହନ୍ତୁ

□ଯଦି ପିଲା ପ୍ରଥମ ଥର ପାଇଁ ସ୍କୁଲ ଯାଉଛି ତେବେ ତାକୁ ଗାଇଡ୍ କରନ୍ତୁ । ସ୍କୁଲରେ କିପରି ପଢୁଛି, ଅନ୍ୟମାନଙ୍କ ପ୍ରତି ତାର ବ୍ୟବହାର କିପରି ରହୁଛି ତାହା ଜାଣିବା ଆବଶ୍ୟକ ।

□ଗାଡ଼ି ଚଳାଉଥିବା ବେଳେ ପିଲା ଯଦି ଗାଡ଼ି ସମ୍ପର୍କରେ କିଛି ପଚାରେ ତେବେ ତାକୁ ବୁଝାଇ ଦିଅନ୍ତୁ । କାରଣ ଏହାଦ୍ୱାରା ପିଲାର ଆଗ୍ରହ ବଢ଼ିଥାଏ ।

□ ଅଧିକାଂଶ ସମୟରେ ପିଲାମାନେ କୌଣସି ଜିନିଷ ପାଇଁ ଜିଦ୍ ଧରିଥାଆନ୍ତି । କେତେକ ମାତାପିତା ଏହାର ପୂର୍ବାପର ନ ବୁଝି ତାହା ପୂରଣ କରିଥାଆନ୍ତି । ଏହାଦ୍ୱାରା ପିଲାଙ୍କର ଜିଦ୍ ବଢ଼ିଯାଇଥାଏ । ତେଣୁ ଜିଦ୍ ପୂରଣ କରିବାର କେତେ ଆବଶ୍ୟକତା ରହିଛି ତାହା ପ୍ରଥମେ ଦେଖି ନିଅନ୍ତୁ ।

□ ପାଠ ପଢ଼ିବା ସହ ପିଲାଙ୍କର ଅନ୍ୟ କେଉଁ ଦିଗ ପ୍ରତି ଆଗ୍ରହ ରହିଛି ଜାଣିବାକୁ ଚେଷ୍ଟା କରନ୍ତୁ । କେତେକ ପିଲା ପାଠ ବ୍ୟତୀତ ଚିତ୍ରାଙ୍କନ, କ୍ରୀଡ଼ା, ନୃତ୍ୟ ପ୍ରତି ଆଗ୍ରହ ରଖିଥାଆନ୍ତି । ତେଣୁ ଏ କ୍ଷେତ୍ରରେ ସେମାନଙ୍କୁ ଉତ୍ସାହିତ କରନ୍ତୁ ।

□ସବୁବେଳେ ପିଲାର ମାନସିକତାକୁ ଲକ୍ଷ୍ୟ ରଖନ୍ତୁ । କୌଣସି ଜିନିଷକୁ ତା ଉପରେ ଅଯଥା ବୋଝ ପରି ଲଦି ଦିଅନ୍ତୁ ନାହିଁ ।

□ ଅନ୍ୟ ପିଲାଙ୍କର ତୁଳନା କରିବାବେଳେ ସତର୍କତା ଅବଲମ୍ବନ କରନ୍ତୁ ।

*ସାମାଜିକ କର୍ମୀ, ଶ୍ରୀବିହାର*
*କଲୋନୀ, ତୁଳସୀପୁର, କଟକ*
*: ୯୪୩୭୪୫୦୧୧୪*

# ଅମୃତଭଣ୍ଡାରେ ରୋଗ ପ୍ରତିରୋଧକ ଶକ୍ତି

⏩ ଅମୃତଭଣ୍ଡାରେ ଭରପୂର ମାତ୍ରାରେ ଆଂଟିଅକ୍ସିଡା□, କ୍ୟାରୋଟିନ୍, ଭିଟାମିନ ସି ଏବଂ ଫ୍ଲାଭନଏଡ୍ ରହିଛି । ଏହା ବ୍ୟତୀତ ଏଥିରେ ଭିଟାମିନ ବି, ଫୋଲେଟ୍, ପାନାଟୋଥେନିକ ଏସିଡ ଏବଂ ମିନେରାଲ୍ସ ମଧ ଭରି ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ।

⏩ ଅମୃତଭଣ୍ଡାରେ ଅଛି ଉପକାରୀ ପୋଟାସିୟମ, ମ୍ୟାଗ୍ନେସିୟମ ଏବଂ ଫାଇବର୍ ।

⏩ ଏଥିରେ ଥିବା ଭିଟାମିନ ଏବଂ ପାପେଇନ୍ ତ୍ୱଚାରୁ ମୃତ କୋଷ ବାହାର କରି ତ୍ୱଚାକୁ ସଜୀବ ରଖିବାରେ ସାହାଯ୍ୟ କରେ ।

⏩ ତ୍ୱଚାକୁ ଆର୍ଦ୍ରତା



ଯୋଗାଇଥାଏ ଅମୃତଭଣ୍ଡା ।

⏩ ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ହାଇପରଟେନସନ୍‌ରୁ ମୁକ୍ତି ମିଳିଥାଏ ।

⏩ ଦୃଷ୍ଟିଶକ୍ତି ତୀକ୍ଷ୍ଣ ରଖିବାରେ ସହାୟକ ହୋଇଥାଏ ଅମୃତଭଣ୍ଡା ।

⏩ ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

⏩ ଥଣ୍ଡା, ଫ୍ଲୁ ଏବଂ କାନର ସମସ୍ୟା ପ୍ରତିରୋଧ କରିବାରେ ମଧ ଅମୃତଭଣ୍ଡା ସହାୟକ ହୋଇଥାଏ ।

⏩ ହୃତପିଣ୍ଡକୁ ସୁସ୍ଥ ରଖିବାରେ ଅମୃତଭଣ୍ଡା ଅତ୍ୟନ୍ତ ଲାଭଦାୟକ । ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ହୃଦଘାତକୁ ପ୍ରତିରୋଧ କରିହେବ ବୋଲି ଚିକିତ୍ସାବିଜ୍ଞାନୀ ମାନେ ମତ ଦିଅନ୍ତି ।

⏩ କୋଲେଷ୍ଟ୍ରାଲ୍‌କୁ ନିୟନ୍ତ୍ରଣରେ ରଖିଥାଏ ଅମୃତଭଣ୍ଡା ।

⏩ କୋଷ୍ଟକାଠିନ୍ୟ ଭୋଗୁଥିବା ଲୋକମାନଙ୍କ ପାଇଁ ଅମୃତଭଣ୍ଡା ନିହାତି ଉପକାରୀ । ଏଥିରେ ଥିବା ଫାଇବର୍ କୋଷ୍ଟକାଠିନ୍ୟ ପ୍ରତିରୋଧ କରିବାରେ ଔଷଧ ଭଳି କାମ ଦେଇଥାଏ ।

⏩ କର୍କଟ ଓ ମଧୁମେହ ଭଳି ରୋଗକୁ ପ୍ରତିରୋଧ କଲା ଭଳି ଉପାଦାନ ମହଜୁଦ ରହିଛି ଅମୃତଭଣ୍ଡାରେ ।

✖✖✖

# ମାତୃ କୃପା

ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କ ନାଁରେ ଆମେ ଧନ ସମ୍ପଦର ପୂଜା କରିବା ଉଚିତ ନୁହେଁ । ଆମ ଜନ୍ମଦାତ୍ରୀ ଜନନୀ ପ୍ରତି ଭକ୍ତି ହିଁ ସମସ୍ତ ଦେବାଦେବୀଙ୍କ ପୂଜା ସହ ସମାନ । ମାଆକୁ ଦିଆଯାଇଥିବା ସୁରକ୍ଷା ହିଁ ଆମ ନିଜ ଜୀବନର ପ୍ରକୃତ ସୁରକ୍ଷା ପିତା ଯଦି ଧର୍ମର ପ୍ରତିମୂର୍ତ୍ତି ବୋଲି ଗ୍ରହଣ କରାଯାଏ ତେବେ ମାତା ପ୍ରେମର ପ୍ରତୀମା ସଦୃଶ । ସନ୍ତାନର କଲ୍ୟାଣ ଦୃଷ୍ଟିରୁ ମାଆ ସେମାନଙ୍କୁ କେବେ କିଛି ଦଣ୍ଡ ଦେଇ ପାରେ । ଏହି ଦଣ୍ଡ ଆମକୁ କିଭଳି ରକ୍ଷାକରେ ଓ କେଉଁ ଦୃଷ୍ଟିରୁ ସାହାଯ୍ୟ କରେ ତାହା ବୁଝିବା ଆମର ବିଚାର ଶକ୍ତି ଥିବା ଦରକାର । ପହଁରା ଜଣା ନଥିବା ଲୋକ ଯଦି ନଦୀରେ ମରିଯାଏ, ତେବେ ତାହା ନଦୀର ଦୋଷ ନା ସେ ଲୋକର? ନିଆଁରେ ଆଙ୍ଗୁଠି ଦେଖାଇଲେ ତାହା ଯୋଡ଼ିଯିବ, ଏଥିପାଇଁ ଆମେ ନିଆଁକୁ ଦୋଷ ଦେବା କି? ଏହା ଆମ ନିଜ ଦୋଷ, କାରଣ



ନିଆଁ ପୋଡ଼ି ଦିଏ ଏ କଥା ଆମେ ଜାଣିଲୁ ନାହିଁ । ସେହିପରି ମାଆଙ୍କୁ ଖରାପ ଲାଗିଲା ଭଳି ଆଚରଣ ଦେଖାଇ ଆମେ ଯଦି ଦଣ୍ଡ ଭୋଗ କଲେ ତେବେ ଏଥିରେ ମାଆକୁ ଦୋଷ ଦେଇ ଫଳ କ'ଣ ପାଇବ? ଏହା ପୁଣି ଏକ ନିନ୍ଦନୀୟ କଥା । ମାଆକୁ ଭଲ ଲାଗିଲା ଭଳି, ମାଆକୁ ସନ୍ତୁଷ୍ଟ କଲାଭଳି, ଆନନ୍ଦ ଦେଲା ଭଳି କାମ ଆମ୍ଭେମାନେ କରିବା ଉଚିତ । ନବରାତ୍ରୀ ଉତ୍ସବ ବାସ୍ତବିକ ସେଥିପାଇଁ ଉଦ୍ଦିଷ୍ଟ ଯାହା ଦ୍ୱାରା ଆମେ ମାଆର ପ୍ରାଧାନ୍ୟ ବୁଝିପାରିବା, ମାକୁ ଭକ୍ତି କରିପାରିବା, ଏବଂ ମାଆର ପ୍ରିୟ ମାର୍ଗରେ ଚାଲିପାରିବା । ଅପର ପକ୍ଷରେ, ଲୋକ ଅଛନ୍ତି ଯେଉଁମାନେ ନିଜ ମାଆକୁ ଅଣ ହେଳା କରି ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀଙ୍କୁ ପୂଜା କରିବା ପାଇଁ ଫୁଲ କିଣି ଆସନ୍ତି । ଜନ୍ମଦାତ୍ରୀ ମାଆ ହିଁ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସାକ୍ଷାତ ସ୍ୱରୂପ । ମାଆ ଆଖିରୁ ଲୁହ ଠୋପାଏ ଝରିବାକୁ ଦେବାନାହିଁ । ବିଦେଶୀ ମାନେ ମଧ ସେମାନେ ବିଶ୍ୱାସ କରନ୍ତି ଯେ ଯେଉଁଠାରେ ନାରୀ ମାନଙ୍କୁ କଷ୍ଟ ଦିଆଯାଏ ସେଠାକାର ଅଭିବୃଦ୍ଧି ଉଭେଇ ଯାଏ । ତେଣୁ ଯାହା ହୋଇଯାଉ ପଛକେ, ମାଆକୁ ଦୁଃଖିନୀ ନ କରିବା ହେଉଛି ଆମର ପ୍ରଧାନ ଓ ପ୍ରଥମ କର୍ତବ୍ୟ । କେବଳ ସୀତାଙ୍କୁ କନ୍ଦାଇବା ଯୋଗୁଁ ସମଗ୍ର ରାବଣ ବଂଶ ଧ୍ୱଂସ ହୋଇଗଲା । ଦ୍ରୌପଦୀଙ୍କୁ କନ୍ଦାଇବା ଯୋଗୁଁ ସମଗ୍ର କୌରବ ବଂଶ ଧ୍ୱଂସ ହୋଇଗଲା । ତେଣୁ କୌଣସି ପରିସ୍ଥିତିରେ ବି ଲୋକମାନେ ସ୍ତ୍ରୀ ଲୋକ ମାନଙ୍କୁ କନ୍ଦାଇବା ଉଚିତ ନୁହେଁ । ଏକଥା ବି ସମସ୍ତେ ଜାଣିବା ଦରକାର ଯେ ପ୍ରତ୍ୟେକ ନାରୀ ମାତୃ ଶକ୍ତିର ସାକାର ପ୍ରତିମୂର୍ତି । ତେଣୁ ଆମ୍ଭେମାନେ ସେମାନଙ୍କୁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦର୍ଶନ କରିବା ଉଚିତ ।

# ଲୌହ ଓ ମାଙ୍ଗାନିଜ ଖଣି ଗୁଡ଼ିକ ୧୪ଟି ପୁରସ୍କାରରେ ସମ୍ମାନିତ




କେନ୍ଦୁଝର(ନିପ୍ର): ଓଡ଼ିଶାରେ ଟାଟା ଷ୍ଟିଲର ଥିବା ଲୌହ ଓ ମାଙ୍ଗାନିଜ ଖଣି ଗୁଡିକୁ ଭୁବନେଶ୍ୱର ଠାରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ) ତତ୍ତ୍ୱାବଧାନରେ ଶନିବାର ଆୟୋଜିତ ୨୭ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମସି) ସପ୍ତାହ ୨୦୨୫-୨୬ ପୁରସ୍କାର ବିତରଣ ଉତ୍ସବ ରେ ୧୪ ଗୋଟି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଟାଟା ଷ୍ଟିଲର ଯୋଡ଼ା ପୂର୍ବ ଲୌହ ଖଣିକୁ ବିଭାଗ-କ ଅନ୍ତର୍ଗତ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ପାଇଁ ପୃଥକ ପୃଥକ ଭାବେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି । ଏହାବ୍ୟତୀତ ଏହି ଖଣିକୁ ବିଭାଗ-କ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ମଧ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ବିଭାଗରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣି କୁ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ପାଇଁ ପୃଥକ ଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି ଓ ଅନୁରୂପ ଭାବେ କଓଟାମାଟି ଲୌହ ଖଣିକୁ ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ପାଇଁ ପ୍ରଥମ ଏବଂ ଖଣିଜ ସଂରକ୍ଷଣ ପାଇଁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି ଓ ବିଭାଗ - ଖ ଅନ୍ତର୍ଗତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ନୀଳାଚଳ ଖଣିକୁ ଖଣିଜ ପୁନଃ ଉଦ୍ଧାର ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି ଓ ବିଭିନ୍ନ ଖଣିର ଅଧିକାରୀମାନେ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଆଇବିଏମ୍ କଂଟ୍ରୋଲର ଜେନେରାଲ ଅଫ ମାଇନ୍ସ ପଙ୍କଜ କୁଳଶ୍ରେଷ୍ଠ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଅନୁରୂପ ଭାବେ, ପଶ୍ଚିମ ଯୋଡା ଲୌହ ଖଣି କୁ ବନୀକରଣ, ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ଏବଂ ସମୂହ ପାରଦର୍ଶିତା ପାଇଁ ପୃଥକ ଭାବେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି, ବାମେବାରି ଖଣି କୁ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ଓ ସ୍ଥାୟୀ ବିକାଶ ପଦ୍ଧତି ପାଇଁ ଯଥାକ୍ରମେ ପ୍ରଥମ ଓ ତୃତୀୟ ସ୍ଥାନ ମିଳିଛି ଓ ଏହି ଉତ୍ସବରେ କମ୍ପାନୀର ତିରିଙ୍ଗପାହାଡ଼ ଖଣି ବନୀକରଣ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି ଓ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କମଧ୍ୟରେ ଆଇବିଏମ୍ ଚିଫ୍ କଂଟ୍ରୋଲର ଅଫ୍ ମାଇନ୍ସ ଜି କାଲେ, କଂଟ୍ରୋଲର ଅଫ୍ ମାଇନ୍ସ (ଇଷ୍ଟ ଜୋନ୍) ପୁଖରାଜ ନେନିଭଓଲ, ଟାଟା ଷ୍ଟିଲ ଯୋଡ଼ା ଚିଫ ରାଜେଶ କୁମାର, ଏଫ୍ ଏ ଏମ୍ ଡି ଚିଫ ଶମ୍ଭୁ ନାଥ ଝା, ନୀଳାଚଳ ଇସ୍ପାତ ଖଣି ଚିଫ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ଚିଫ ଜି ଭି ସତ୍ୟ ନାରାୟଣ, ସମସ୍ତ ଖଣିର ଅପରେସନ୍ସ ବିଭାଗ ହେଡ଼, କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଟାଟା ଷ୍ଟିଲ ସମଗ୍ର ବିଶ୍ୱରେ ଏହାର କାର୍ଯ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀ ଖନନ ପାଇଁ ପ୍ରତିବଦ୍ଧ ରହିଛି । ଏହାସହିତ କମ୍ପାନୀ ଉଚ୍ଚମାନର ଅନ୍ତର୍ଜାତୀୟ ମାନକ ବଜାୟ ରଖିବା ସହିତ ଆଧୁନିତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରମ୍ୟାଟେରିଆଲର ଗୁଣବତା ଓ ସଂରକ୍ଷଣକୁ ସୁନିଶ୍ଚିତ କରୁଛି ।

# ଉଦନ୍ତୀ ମହୋତ୍ସବ-୨୦୨୬ ଉଦ୍‌ଘାଟିତ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ହାଇସ୍କୁଲ ପଡିଆ ଠାରେ ଉଦନ୍ତୀ ନଦୀ ଅବବାହିକା ରେ ଗଢ଼ି ଉଠିଥିବା ଲୋକ କଳା, ଲୋକ ସାହିତ୍ୟ, ଲୋକ ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଉଦନ୍ତୀ ମହୋତ୍ସବ ୨୦୨୬ ଉଦଘାଟିତ ହୋଇଯାଇଅଛି । ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମହନୀୟ ସଂସ୍କୃତି, ଉଚ୍ଚ କୋଟିର ସାହିତ୍ୟ ସାଧନା, ସାଙ୍ଗକୁ ପାରମ୍ପରିକ ତନ୍ତକଳା ଅଂଚଳର ପରିଚୟ ବାହାନ କରେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ରୂପେ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଖଡିଆଳ ଏସ ଡି ପି ଓ ଉପେନ୍ଦ୍ର ପ୍ରଧାନ ଓ ଖଡିଆଳ ବ୍ଲକ ଅଧକ୍ଷ ପୁଷ୍ପାଞ୍ଜଳୀ ନନ୍ଦ, ସିନାପାଲି ବ୍ଲକ ଉପାଧକ୍ଷ ମୀନା ଘିବେଲା, ଜିଲ୍ଲା ପରିଷଦ ସଦସ୍ୟ ଆଶା ଜୈନ୍, ପୁଷ୍ପାଞ୍ଜଳୀ ଗୁଆଲ, ଯଜ୍ଞାସିନ କଟା ଯୋଗ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ରବୀନ୍ଦ୍ର ଯୋଷୀ ସଭା ରେ ଅଧକ୍ଷତା କରିଥିଲେ । ସମ୍ବଲପୁରୀ ନୃତ୍ୟ ଗୀତ ରେ ଦୁଲୁକୁଥିଲା ଉଦନ୍ତି ମହୋତ୍ସବ ।

# ମରାମତି ନାମରେ ଦେଶୀ ଯୋଗାଡ଼, ପୋଲ ମଧ୍ୟରେ ଛୋଟ ପୋଲ ଦେଇ ବାଲିବସ୍ତା



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସଦର ବ୍ଲକରେ ଦେଶୀ ଯୋଗାଡ ରେ ପାୱାରତୋଳା ବ୍ରିଜ୍ । ନୂତନ ବ୍ରିଜ ନିର୍ମାଣ ନେଇ ବ୍ରିଜ ଖୁଂଟ ନିର୍ମାଣ ଶେଷ ହୋଇଥିବା ବେଳେ ମରାମତି ନାମରେ ଦେଶୀ ଯୋଗାଡ କରିବାକୁ ଆଗେଇ ଆସିଛନ୍ତି ବିଭାଗୀୟ ଅଧିକାରୀ ଓ ଠିକାଦାର । ଲୋକଙ୍କ ଯାତାୟାତ ରେ କୌଣସି ବାଧା ନ ହେବା ସହ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପ୍ରୟାସ ମାତ୍ର ବୋଲି କହିଛନ୍ତି । ଏହି ବ୍ରିଜ୍ ଉପରେ ତିନି ଗୋଟି ସୀମାନ୍ତ ଗ୍ରାମପଂଚାୟତ ଆମାନାରା, କେନ୍ଦୁବାହାରା ଓ ମୋଟା ନୂଆପଡ଼ା ଜିଲ୍ଲା ମହକୁମା ସହ ଯୋଡ଼ି ଯାତାୟତ ପାଇଁ ନିର୍ଭରଶୀଳ । ଏହି ବ୍ରିଜ୍ ୨୦୨୧ ମସିହାର ଲଗାଣ ବର୍ଷା ଯୋଗୁଁ ପୋଲ ଭାଙ୍ଗିବା ବେଳେ ୨୦୨୪ ମସିହା ଫେବୃଆରୀ ୪ ତାରିଖ ରେ ବିଜୁ ସେତୁ ଯୋଜନା ରେ ୨୦ କୋଟି ୬ ଲକ୍ଷ ୨୭ ହଜାର ଅର୍ଥ ବରାଦ ହୋଇଥିଲା । ନିର୍ମାଣ କାର୍ଯ୍ୟ ୨୦୨୪ ରେ ଆରମ୍ଭ ହୋଇ ୨୦୨୬ ଜାନୁଆରୀ ୧୮ ତାରିଖ ରେ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଥିଲା । କିନ୍ତୁ ନିର୍ମାଣ ନାମ ରେ ମରାମତି କାମ ହାତକୁ ନେବ ଯୋଜନା ରେ ଅନେକ ସମସ୍ୟା ସୃଷ୍ଟି ହେଉଅଛି । ଯୋଜନା ସଫଳ ରୂପାୟନ ରେ ସମସ୍ୟା ନେଇ ଅଂଚଳ ବାସୀଙ୍କ ମଧ୍ୟରେ ବିଦ୍ରୋହ ଦାନା ବାନ୍ଧୁଥିବା ସୂଚନା ମିଳୁଛି । ଆବଶ୍ୟକ ଉଚିତ୍ ପଦକ୍ଷେପ ପାଇଁ ଆହ୍ୱାନ ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଥାନାରେ ଅଭିଯୋଗ

ନୀଳଗିରି(ନିପ୍ର): ସନ୍ତରାଗଡିଆ ଅଂଚଳରେ ଜୈନିକ ଯୁବକ କୁ ସଂଘବଧ ଆକ୍ରମଣ କରି ଗୁରୁତର ହୋଇଥିଲା । ପରିବାର ଲୋକ ତାଙ୍କୁ ନୀଳଗିରି ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ଜଣା ପଡ଼ିଛି । ଘଟଣାରୁ ପ୍ରକାଶ ସନ୍ତରାଗଡିଆ ଶ୍ରୀଦେଇପୁର ଗ୍ରାମର କରୁଣାକର ଦେହୁରି (୩୪) ନିଜ ବାଇକରେ ଗତ ୨୮/୩ ଶନିବାର ଅପରାହ୍ନ ୪ଟା ସମୟରେ ଗାଁ ରାସ୍ତାରେ ଯାଉଥିବା ବେଳେ ଉକ୍ତ ଗ୍ରାମର ରାଜା ପାତ୍ର, ଚିକୁ ପାତ୍ର, ବଳଭଦ୍ର ପାତ୍ର, ମୁନା ପାତ୍ର ମିଳିତ ଭାବେ ତାଙ୍କୁ ଅଟକାଇ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହିତ ନିସ୍ତୁକ ମାଡ଼ ମାରିଥିଲେ । ଜୀବନ ବିକଳରେ ଦୌଡ଼ି ପଳାଇ ଯାଉଥିବା ବେଳେ ଉପରୋକ୍ତ ବ୍ୟକ୍ତି ମାନେ ଏକ ଖଣ୍ଡାରେ ଆକ୍ରମଣ କରି ମୁଣ୍ଡକୁ କ୍ଷତାକ୍ତ କରି ଥିଲେ । ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଂଚି ଯିବାରୁ ସମସ୍ତେ ପଳାଇ ଯାଇଥିଲେ । ଗୁରୁତର ଅବସ୍ଥାରେ କରୁଣାକରକୁ ନୀଳଗିରି ମେଡ଼ିକାଲକୁ ଆଣିଥିଲେ । ଏବେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି । ଏନେଇ କରୁଣାକର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ପକ୍ଷରୁ ତଦନ୍ତ ଜାରିରହିଛି ।

# ସରକାରଙ୍କ ପ୍ରମୁଖ ଶାସନ ସଚିବଙ୍କ ଜିଲ୍ଲା ଗସ୍ତ

ନୟାଗଡ଼(ନିପ୍ର): ନୟାଗଡ ସରକାରଙ୍କ ପ୍ରମୁଖ ଶାଚନ ସଚିବ (ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅବକାରୀ ବିଭାଗ) ଭାସ୍କର ଜ୍ୟୋତି ଶର୍ମା ଙ୍କ ସହିତ ଜିଲ୍ଲାପାଳ ମଧୁମିତା ରଥ ଟାଙ୍ଗିଆପଲ୍ଲୀ ଆଶ୍ରମ ବିଦ୍ୟାଳୟ, ଆହାର କେନ୍ଦ୍ର, ଜୋତା ନିର୍ମାଣ ୟୁନିଟ୍, ବହୁ ଉଦ୍ଦେଶ୍ୟ ଭବନ, ଦଶପଲ୍ଲା ଘଇଉ ଅଂଚଳର ହରିଦାବାଡି ଅଙ୍ଗନବାଡି କେନ୍ଦ୍ର ଓ ଟାକେରା ପାୱାର ସବ୍‌ଷ୍ଟେସନ୍ ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଥିଲେ ।ଏହି ପରିଦର୍ଶନ ସମୟରେ ଇଉଗ, ବିଜୟାନନ୍ଦ ନାୟକ ଉଉଙ ଲଗ୍ନଜିତ ରାଉତ, ସବ୍-କଲେକ୍ଟର କର୍ଣ୍ଣଦ୍ୱେ ସମାଦାର ଦଶପଲ୍ଲା ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ପରେ ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅପରାହ୍ନ ୪ଘଟିକା ସମୟରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏଥି ସହିତ ଜିଲ୍ଲପାଳ ମଧୁମିତା ରଥ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ବନଖଣ୍ଡ ଅଧିକାରୀ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ସିଡିଏମଓ ଡାକ୍ତର ନିଳୀମା ଲାକ୍ରା, ଯୋଗ ଦେଇଥିଲେ । ଏହି ବୈଠକରେ ପ୍ରମୁଖ ଶାସନ ସଚିବ ବିଭିନ୍ନ ବିଭାଗର ଅଧିକାରୀମାନଙ୍କର କାର୍ଯ୍ୟାଳୟର ସମୀକ୍ଷା କରିଥିଲେ । ପ୍ରଥମେ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ କାର୍ଡ ଏବଂ ହିତାଧିକାରୀମାନଙ୍କ କଥା ପଚାରି ବୁଝିଥିଲେ । ଏହା ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ/ ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀ-୧ ଏବଂ ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀ-୨ଙ୍କୁ ରାସ୍ତାର ସମ୍ପ୍ରସାରଣ ବିଷୟରେ, ଛାମୁଣ୍ଡିଆ ରାସ୍ତା ବିଷୟରେ ପଚାରି ବୁଝିଥିଲେ । ରିପୋର୍ଟ ସନ୍ଧ୍ୟା ସୁଦ୍ଧା ମାଗିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସି.ଏମ୍-ବାଇ ସାଇକେଲ, ମଧ୍ୟାହ୍ନ ଭୋଜନ, ଡ୍ରପ ଆଉଟ୍ ପିଲାମାନଙ୍କ କଥା ପଚାରି ବୁଝିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ/ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଭିନ୍ନ ବିଷୟରେ ତାଗିଦ୍ କରିଥିଲେ । ବିଦ୍ୟୁତ୍ ବିଭାଗ, ଯୋଗାଣ ବିଭାଗ, କୃଷି ଓ ମତ୍ସ୍ୟ ଚାଷ ଉପରେ ସମୀକ୍ଷା କରିଥିଲେ । ଶେଷରେ ବୈଠକ ସାଙ୍ଗ କରାଯାଇଥିଲା ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପ୍ରମୁଖ ଜନସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ




କେନ୍ଦୁଝର(ନିପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏକ ଶହ ବର୍ଷ ପୂର୍ତ୍ତି କରିଛି । ଏହି ଅବସରରେ ସାରା ଦେଶରେ ସଂଘ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ ଆୟୋଜନ କରା ଯାଉଛି । ଏନେଇ ରବିବାର ସାନୀୟ ନଗର ଭବନ ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଘ କେନ୍ଦୁଝର ଜିଲା ପକ୍ଷରୁ ଏକ ପ୍ରମୁଖଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବିଭାଗ ସଙ୍ଘଚାଳକ ରତିକାନ୍ତ ବୈଦ୍ୟ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଆରଏସଏସ କ୍ଷେତ୍ର, କ୍ଷେତ୍ର ସମ୍ପର୍କ ପ୍ରମୁଖ ବିଦ୍ୟୁତ ମୁଖାର୍ଜୀ ଯୋଗଦେଇ ଉପସ୍ଥିତ ବୁଦ୍ଧି ଜୀବୀଙ୍କ ସହ ସଂଘର ଶତାବ୍ଦୀ ବର୍ଷ ପୂର୍ତି ଅବସରରେ ଉପଲବ୍ଧି ବିଷୟରେ ଆଲୋଚନା କରିଥଲେ । ଏହି ଅବସରରେ ଶ୍ରୀ ମୁଖାର୍ଜୀ ସୁସ୍ଥ ସମାଜ ଗଠନରେ ପ୍ରମୁଖଜନ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲା ସହ ସମ୍ପର୍କ ପ୍ରମୁଖ କାଳୀ ଚରଣ ମହାନ୍ତ ପରିଚାଳନା କରିଥା ବେଳେ ପ୍ରମୁଖଜନ ସଂଗୋଷ୍ଠୀ ଜିଲା ସଂଯୋଜକ ଶଶୀକାନ୍ତ ଜେନା ସଂଯୋଜନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟାଳୟର ଦୁଇଶହରୁ ଉର୍ଦ୍ଧ୍ୱ ପ୍ରଭାବୀ ଓ ସଜ୍ଜନ ବ୍ୟକ୍ତି ସାମିଲ ହୋଇଥିଲେ ।

# ପୌର ପାଳିକାର ଉପାଧ୍ୟକ୍ଷଙ୍କ ସମେତ ୯ କାଉନସିଲର ଓ ଦଳୀୟ ପଦାଧିକାରୀଙ୍କ ଇସ୍ତଫା

କେନ୍ଦୁଝର(ନିପ୍ର): କେନ୍ଦୁଝର ପୌର ପାଳିକାର ଉପାଧ୍ୟକ୍ଷଙ୍କ ସମେତ ୯ ଜଣ ବିଜେଡି କାଉନସିଲର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେମାନେ ନିଜର ଇସ୍ତଫା ପତ୍ର ଦଳର ରାଜ୍ୟ ଓ ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଇଛନ୍ତି । ସମୁଦାୟ ୨୧ ଟି ୱାର୍ଡ ବିଶିଷ୍ଟ ଏହି ପୌରପାଳିକା ରେ ସମୁଦାୟ ୧୩ ଜଣ ବିଜେଡି କାଉନସିଲର ଥିଲେ । କେନ୍ଦୁଝରଗଡ଼ ପୌର ପାଳିକାର ଉପାଧ୍ୟକ୍ଷ ତଥା ଜିଲ୍ଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ଦାସ, ୧ନମ୍ବର The 7th day of the month କେନ୍ଦୁଝରଗଡ଼ ପୌରପାଳିକାର ଉପାଧ୍ୟକ୍ଷ ଓ କାଉନସିଲରମାନେ ମୁଖ୍ୟମନ୍ତ୍ରୀ ତଥା କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବରେ ବିଜେପିରେ ଆଜି ଯୋଗ ଦେବେ ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡିଛି । ଏହା ପୂର୍ବରୁ କେନ୍ଦୁଝର ସଦର ବ୍ଲକର ଅଧକ୍ଷା, ଉପାଧ୍ୟକ୍ଷ ଓ ସମିତି ସଦସ୍ୟମାନେ ବିଜେପିରେ ଯୋଗ ଦେଇଥିଲେ ।

# ରେଞ୍ଜରଙ୍କ ଦବଙ୍ଗଗିରି ଘଟଣାକୁ ନେଇ ଗିରଫ ଓ ବହିଷ୍କାର ଦାବି କଲେ ପୂର୍ବତନ ବିଧାୟକ

ନୀଳଗିରି(ନିପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା କୁଲଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଗତ ୨୫ ତାରିଖ ରେ ଗାଡ଼ି ଉଭରଟେକ କୁ ନେଇ ରେଞ୍ଜର ନିଲମ୍ବିକ ବନ କର୍ମଚାରୀ ଓ ତାଙ୍କ ସହ ଥିବା ଯୁବକଙ୍କୁ ନିସ୍ତୁକ ବାଡେଇବା ଘଟଣାକୁ ନିନ୍ଦା କରିବା ସହିତ ଆଜି ଏକ ପ୍ରେସ ଇସ୍ତାହାର ରେ କୁଲଡିହା ରେଞ୍ଜରଙ୍କ ଗିରଫ ଓ ବହିଷ୍କାର ଦାବୀ କରିଛନ୍ତି ନୀଳଗିରି ପୂର୍ବତନ ବିଧାୟକ ଚିତ ରଞ୍ଜନ ଷଡ଼ଙ୍ଗୀ । ଏନେଇ ଶ୍ରୀଯୁକ୍ତ ଷଡ଼ଙ୍ଗୀ ମୁଖ୍ୟଶାସନ ସଚିବ, ଜଙ୍ଗଲ ବିଭାଗ ଶାସନ ସଚିବ, ପି ସି ସି ଏଫ, ଆର ସି ସି ଏଫ, ବାଲେଶ୍ୱର ଜିଲ୍ଲାପାଳ, ଡ଼ିଏଫଓଙ୍କ ଅବଗତି ନିମନ୍ତେ ପତ୍ର ଦ୍ୱାରା ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନା ଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡଭାରପ୍ରାପ୍ତ କୁଲଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଓ ପାଖାପାଖି ୨୦/ ୨୫ଜଣ ବନ କର୍ମଚାରୀ ଗତ ୨୫ତାରିଖ ବିଳମ୍ବିତରାତ୍ରି କୁଲଡିହା ଜଙ୍ଗଲରୁ ଏକ ଘଟଣାର ତଦନ୍ତ କରି ଫେରୁଥିଲେ । ଠିକ ସେହି ସମୟରେ ନୀଳଗିରି ବ୍ଲକ ଆରବନ୍ଧ ପଂଚାୟତ ଉପରଡିହା ଗ୍ରାମର ସ୍ୱର୍ଗତ ନୁନୁ ପାତ୍ରଙ୍କ ପୁତ୍ର ପଦ୍ମଲୋଚନ ପାତ୍ର(୩୬) ଯିଏକି କୁରୁଡ଼ା ଡ଼ିଏଫଓଙ୍କ ଅଫିସରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ଏବଂ ଉକ୍ତ ପଂଚାୟତ ଶାଳଡ଼ହର ଗ୍ରାମର ମହେନ୍ଦ୍ର ପ୍ରସାଦ ଦାସଙ୍କ ପୁତ୍ର କ୍ଷୀରୋଦ ପ୍ରସାଦ ଦାସ (୩୧) ଯିଏକି ଟାଟା ପାୱାର କମ୍ପାନୀ ନୀଳଗିରି କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଉଭୟ ଏକ ବଲେରୋ ଗାଡ଼ିରେ ମୟୂରଭଞ୍ଜ ଜିଲ୍ଲା ଝିଙ୍କପଦା ଶନିମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ପାଇଁ ବୁଝିବାକୁ ଯାଇ ଫେରୁଥିବା ବେଳେ ୨୧୯ ରାଜ୍ୟ ରାଜପଥ କଳାକାଦ ଛକରେ ଭାରପ୍ରାପ୍ତ ରେଞ୍ଜରଙ୍କ ଗାଡିକୁ ଓଭର ଟେକ କରିଥିଲେ । ଏଥିରେ ଭାରପ୍ରାପ୍ତରେଞ୍ଜର ରାଗିଗରଡ଼ିହି ଛକରେ ଭାରପ୍ରାପ୍ତ ରେଞ୍ଜର ସରକାରୀ ଥରଗାଡିକୁ ଆଡା ପକାଇ ପଦ୍ମଲୋଚନଙ୍କୁ ଅଟକାଇ ଥିଲେ । ହଠାତ ରେଞ୍ଜର ଗାଡିରୁ ଓହ୍ଲାଇ ୨ଯୁବକଙ୍କୁ ଅଶୀଳ ଭାଷାରେ ଗାଳି ଦେଇଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ଭାରପ୍ରାପ୍ତ ରେଞ୍ଜର ଶ୍ରୀ ବେହେରା ରାଗି ପଦ୍ମଲୋଚନଙ୍କୁ ଠେଙ୍ଗାରେ ପିଟିବା ସହିତ ଅନ୍ୟ ବନକର୍ମ ଚାରୀ ମାନେ ବନ୍ଧୁକ, ଲୁହା ରଡ଼ରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଏହି ସମୟରେ ଗାଡିରେ ଥିବା ବନ୍ଧୁ ତଥା ଟାଟା କର୍ମଚାରୀ କ୍ଷୀରୋଦ ପ୍ରତିବାଦ କରିବାରୁ ସେ ବି ଆକ୍ରମଣରୁ ବାଦ ପଡ଼ିନଥିଲେ । ଏଥିରେ ଫରେଷ୍ଟର ବିଜୟ ସାହୁ, ସରୋଜ ପ୍ରଧାନ ହୃଷିକେଶ ପ୍ରଧାନ, ଜୟନ୍ତ ପ୍ରଧାନ ପ୍ରମୁଖଙ୍କ ସଂଘବଦ୍ଧ ଆକ୍ରମଣରେ ଉଭୟଙ୍କ ପିଠି, ହାତ, ଗୋଡ଼, ଛାତିରେ ଏକାଧିକ ଗଭୀର ଦାଗ ହୋଇ କ୍ଷତ ସୃଷ୍ଟି ହୋଇଛି । ମାତ୍ରାଧିକ ଆକ୍ରମଣ ରେ ଶିକାର ହୋଇ ଉଭୟ ସଂଜ୍ଞାହୀନ ହୋଇପଡ଼ିଥିଲେ । ଆହତ ଙ୍କୁ ବରହମପୁର ଥାନାକୁ ନେଇ ଭାରପ୍ରାପ୍ତ ରେଞ୍ଜର ସୁବ୍ରତ ବେହେରା ଅତି ଚତୁରତାର ସହିତ ପଦ୍ମଲୋଚନଙ୍କ ଠାରୁ ଏକ ସାଧା କାଗଜରେ ଆପୋଷ ସମାଧାନ ହେଲା ବୋଲି ଜୋର ଧମକାଇ ଜବରଦସ୍ତି ଦସ୍ତଖତ କରାଇନେବା ସହ କ୍ଷୀରଦଙ୍କ ଠାରୁ ମୋବାଇଲ ଫୋନ, ସୁନା ଚେନ, ନଗଦ ୧୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି । ପରେ ଗୁରୁତର ଆହତ ହୋଇଥିବା ୨ଯୁବକଙ୍କୁ ବରହମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇ ପଳେଇ ଯାଇଥିଲେ । ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ଗୁରୁବାର ସକାଳେ ଅନ୍ୟ ଫୋନ ଯୋଗେ ଘରକୁ ଯୋଗାଯୋଗ କରିବା ପରେ ମେଡିକାଲରେ ଉଭୟଙ୍କ ସପରିବାର ପହଂଚି ଘଟଣା ବିଷୟରେ ଜାଣିବା ପରେ ଉଭୟ ପରିବାରଙ୍କ ପକ୍ଷରୁ ଏନେଇ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅପର ପକ୍ଷରେ ଉଭୟଙ୍କ ପରିବାର ନ୍ୟାୟ ପାଇଁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ସ୍ଥାନୀୟ ସରପଂଚ କୁଳମଣି ନାୟକ ଅବଗତ କଲା ପରେ ପୂର୍ବତନ ବିଧାୟକ ଶ୍ରୀ ନାୟକ ଉଭୟଙ୍କୁ ରେମୁଣା ମେଡ଼ିକାଲ ଭେଟି ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ପରେ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ପିସି ସିଏଫ, ଡ଼ିଓଫ, ଆଇଜି, ଏସପି, ବରହମପୁର ଥାନା ଅଧିକାରୀ ଅବଗତ କରାଇବା ସହିତ ଅଭିଯୁକ୍ତ ରେଞ୍ଜରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଯାଇଥିବା ସୂଚନା ମିଳିଛି ।

# ବାସନ୍ତୀ ନବରାତ୍ରରେ ସୁନା ବେଶରେ ମାଁ ମଝିଘରିଆଣୀ



ରାୟଗଡ଼ା(ନିପ୍ର): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀ । ମାଁ ଙ୍କ ପ୍ରତି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ରହିଛି ଅଗାଢ଼ ବିଶ୍ୱାସ ଓ ଭକ୍ତି । ମାଁ ଙ୍କ ମନ୍ଦିରରେ ବର୍ଷକୁ ଦୁଇଥର ନବରାତ୍ରି ପାଳନ ହେଉଥିବା ବେଳେ ଗୋଟିଏ ଆଶ୍ୱିନ ମାସରେ ଆଉ ଗୋଟିଏ ଚୈତ୍ର ମାସରେ । ଚୈତ୍ର ମାସର ନବରାତ୍ରିକୁ ବାସନ୍ତୀ ନବରାତ୍ରି ବୋଲି ମଧ କୁହାଯାଏ । ଏହି ପର୍ବ ପାଳନ ଅବସରରେ ମାଁ ଙ୍କ ଝାମୁ ଯାତ୍ରା ଅର୍ଥାତ୍ ମନ୍ଦିର ପୂଜକ ନିଆଁ ଉପରେ ଚାଲିବା ଭଳି ଆସ୍ଥା ଓ ବିଶ୍ୱାସ ଆଜି ମଧ ଦେଖିବାକୁ ମିଳେ । ଏହି ଅବସରରେ ମାଁ ମଝିଘରିଆଣୀ ସୁନାବେଶରେ ସୁସଜ୍ଜିତ ହୋଇ ଭକ୍ତଂକୁ ଦର୍ଶନ ଦିଅନ୍ତି । ଏହି ଅବସରରେ ମାଁ ଙ୍କ ପୀଠରେ ୫ ଦିନ ଧରି ଯାତ୍ରା ଚାଲିବା ଅବସରରେ ମାଁ ନିଜର ସମସ୍ତ ସୁନାଗହଣାରେ ଅଳଙ୍କୃତ ହୋଇ ଅପୂର୍ବ ଦର୍ଶନ ଦିଅନ୍ତି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ମନ୍ଦିର ରେ ଅତି ଆଡମ୍ବର ସହ ଏହି ଚୈତ୍ର ପର୍ବ ପାଳନ ଅନୁଷ୍ଠିତ ହୋଇଯାଇଛି । ଏହି ମାଆଙ୍କ ସୁନାବେଶ ଦର୍ଶନ ପାଇଁ ଓଡିଶା ତଥା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଆଦି ରାଜ୍ୟରୁ ଭକ୍ତଙ୍କ ସମାଗମ ହୁଏ । ମନ୍ଦିରରେ ଚୈତ୍ର ଶୁକ୍ଳ ପକ୍ଷ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜା ଉପାସନା ହୁଏ । ଏହି ଅବସରରେ ମାଁ ଙ୍କ ପୀଠରେ ପାଦ ଆଣିଲା ପରେ ଅଙ୍କୁରୋଦ୍ଗମ, କଳସୀ ଯାତ୍ରା ପରେ ମନ୍ଦିର ବେଢ଼ାରେ ନବଗ୍ରହ ଶାନ୍ତି, ସୂର୍ଯ୍ୟ ପୂଜା, ଷୋଡଶ ଉପଚାର, ଚଣ୍ଡୀ ପୂଜା ଓ ଚଣ୍ଡୀ ପାଠ ହେଉଥିବା ବେଳେ ଶେଷରେ ଅଗ୍ନିପୂଜା ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏଥିପାଇଁ ଓଡିଶାର ଗଞ୍ଜାମ, କଳାହାଣ୍ଡି, ପୁରୀ ଆଦି ଜିଲ୍ଲାରୁ ବିଦ୍ୱାନ ପଣ୍ଡିତମାନେ ଯୋଗଦାନ କରି ହୋମ କାର୍ଯ୍ୟ ସଂଚାଳନ କରନ୍ତି । ତେବେ ସବୁଠାରୁ ଆକର୍ଷଣ ହେଲା ସୁନା ବେଶ । ସୁନାର ଅଳଙ୍କାର ମଧରେ ମାଆ ଝଲସୁ ଥାଆନ୍ତି । ସୁନାର ମସ୍ତକ ମୁକୁଟ, ମଥାମଣି, ମଥାପଟି, ଭ୍ରୁଲତା, ଚକ୍ଷୁ, ତୃତୀୟ ନୟନ, କର୍ଣ୍ଣ, ନାସା, ନୋଥ, କର୍ଣ୍ଣ କୁଣ୍ଡଳ, ମୁଖ, ଜିଭ୍ୱା, ଝରା, ମାଥା ଶିରି ଓ ହାରରେ ଆଚ୍ଛାଦିତ ହୋଇଥାନ୍ତି ମାଆ । ଅପୂର୍ବ ବେଶ ଓ କମନୀୟ ରୂପକାନ୍ତିରେ ଶୋଭାମଣ୍ଡିତ ମାଆଙ୍କ ସୁଶୋଭିତ ରୂପରେ ଶ୍ରଦ୍ଧାଳୁ ଅଭିଭୂତ ହୋଇ ପଡ଼ନ୍ତି । ଏହି ଅବସରରେ ସୁନାବେଶ ଧାରଣ କରିବା ପଛରେ ବହୁ କାରଣ ରହିଛି । ଏହି ଦିନଗୁଡ଼ିକରେ ମାଆ ନିଜ ଭଉଣୀମାନଙ୍କୁ ସାକ୍ଷାତ ପାଇଁ ଯାଇଥାନ୍ତି । ଏଥିସହ ନଗର ପରିକ୍ରମା କରନ୍ତି । ମାଆ ବାହାରକୁ ଯାଉଥିବାରୁ ଦେବୀ ନିଜକୁ ସଜ୍ଜିତ ହୁଅନ୍ତି । ସେହିପରି ଦେବୀ ମାଆ ଏହି ଦୁଇଟି ଅବସରରେ ମନ୍ଦିରରୁ ନଗର ପରିକ୍ରମା ପାଇଁ ଯାଉଥିବାରୁ ଏଭଳି ବେଶ ଧାରଣ କରନ୍ତି । ସେହିପରି ମାଆଙ୍କର ବର୍ଷର ଦୁଇଟି ପର୍ବ ଅବସରରେ ମାଆ ଶ୍ରଦ୍ଧାଳୁଙ୍କ ପାଇଁ ଏଭଳି ଅପରୂପ ବେଶ ଧାରଣ କରିଥାନ୍ତି ଏବଂ ଏହା ପ୍ରଥା ମୁତାବକ ଚାଲି ଆସିଛି ବୋଲି ମନ୍ଦିର ପୂଜକ ମତବ୍ୟକ୍ତ କରିଛନ୍ତି । ଶ୍ରୀ ଜଗନ୍ନାଥ ଯେପରି ସୁନା ବେଶରେ ଭକ୍ତଙ୍କୁ ଦେଖା ଦିଅନ୍ତି ସେପରି ମାଆ ନିଜ ଭକ୍ତଙ୍କ ପାଇଁ ହିଁ ଏପରି ବେଶ ଧାରଣ କରନ୍ତି ବୋଲି ଭକ୍ତମାନେ କହନ୍ତି । ଏହି ସୁନାବେଶ ଦର୍ଶନ ପାଇଁ ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ । ପୋଲିସ ବିଭାଗ ପକ୍ଷରୁ ସମସ୍ତ କଡା ସୁରକ୍ଷା ବ୍ୟବସ୍ଥା ମଧ ଗ୍ରହଣ କରାଯାଇଛି ।

# ମଣ୍ଡଳ କାରାଗାରରେ ବୀର ସଂଗ୍ରାମୀ ଲକ୍ଷ୍ମଣ ନାଏକଙ୍କ ୮୪ତମ ଶହୀଦ ଦିବସ ପାଳିତ



ବ୍ରହ୍ମପୁର(ନିପ୍ର): ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଜନଜାତି ସାହସ ଓ ସ୍ୱାଭିମାନର ଅନନ୍ୟ ଓ ଅନବଦ୍ୟ ପ୍ରତୀକ ବୀର ଶହୀଦ ଲକ୍ଷ୍ମଣ ନାଏକଙ୍କ ୮୪ ତମ ଶହୀଦ ଦିବସ ଆଜି ସ୍ଥାନୀୟ ମଣ୍ଡଳ କାରାଗାର ମଧରେ ଓ ବାହାରେ ଥିବା ପ୍ରତିମୂର୍ତ୍ତି ଓ ପଟ୍ଟଚିତ୍ରରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ପୂର୍ବକ ପାଳନ କରାଯାଇଛି । ଭାରତ ସ୍ୱାଧୀନତା ସଂଗ୍ରାମରେ ଆତ୍ମୋତ୍ସର୍ଗ ଦେଇ ଯେଉଁ ବୀର ପୁରୁଷମାନେ ସ୍ୱାଧୀନତାର ଇତିହାସ ପୃଷ୍ଠାକୁ ଋଦ୍ଧିମନ୍ତ କରିଯାଇଛନ୍ତି ସେମାନଙ୍କ ମଧରେ ଲକ୍ଷ୍ମଣ ନାଏକ ଅନ୍ୟତମ । ତାଙ୍କର ସଂଗ୍ରାମମୟ ଜୀବନ ଓ ବଳିଦାନ ଓଡ଼ିଆ ଜାତି ପାଇଁ ସବୁଦିନ ସ୍ମରଣୀୟ ହୋଇ ରହିବ । ସେ ସ୍ୱାଧିନତୋର ଦେଶମାତୃକା ପାଇଁ ଯେଉଁ ସବୁ ସ୍ୱପ୍ନ ଦେଖିଯାଇଛନ୍ତି ସେଗୁଡିକୁ ପୂରଣ କରିବା ଆମମାନଙ୍କର ଉତରଦାୟିତ୍ୱ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲପାଳ ଭି କୀର୍ତି ଭାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, କାରାପାଳ ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝୀଙ୍କ ସମତେ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ ସଂଗଠନର ପ୍ରତିନିଧି, କାରାଗାରର ଅଧିକାରୀ, କର୍ମଚାରୀ ଓ ଗଣମାଧମର ପ୍ରତିନିଧିମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

# ମହାବିଦ୍ୟାଳୟରେ ନିଶୁଳ୍କ ସ୍ୱାସ୍ଥ୍ୟ ମେଳା



ନୀଳଗିରି(ନିପ୍ର): ନୀଳଗିରି ମହାବିଦ୍ୟାଳୟ ପରିସରରେ ୨୮ ତାରିଖ ଦିନ ଅଧକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ଅନୁମୋଦନ କ୍ରମେ ଏକ ବିରାଟ ନିଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଯୁବ ରେଡ଼ କ୍ରସ୍ ଶାଖା ଓ ଜାତୀୟ ସେବା ସଂସ୍ଥା ସହଯୋଗରେ ସମନ୍ୱିତ ସଭାରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ମାନସିକ ସୁସ୍ଥତା ରକ୍ଷା କରିବାକୁ ଏହି ଶିବିର ଅମୋଘ ଅସ୍ତ୍ର ସଦୃଶ ବୋଲି ମତବ୍ୟକ୍ତ କରିଥିଲେ । ଅଧକ୍ଷ ମହୋଦୟଙ୍କ ପିତାମାତାଙ୍କ ନାମରେ ନାମିତ ସୀତାରାମ ବୈଦେହୀ ମିଳିତ ପାଣ୍ଠି ଅନୁଦାନରେ ଏହି ଶିବିର ରେ ବାଲେଶ୍ୱର ଜିଲ୍ଲା ମଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା ମୁଖ୍ୟବକ୍ତା, ସୁଦୂର ବାରିପଦା, ମୟୂରଭଞ୍ଜର ସହଯୋଗୀ ଜିଲ୍ଲା ଚିକିତ୍ସା ଅଧିକାରୀ ସାନ୍ତନୁ କୁମାର ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧକ୍ଷ ମହୋଦୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶଂକର୍ଷଣ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ବୀରେଶ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ସହଯୋଗ ତଥା ସୁଦୂର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ ଓ ଫକୀରମୋହନ ମେଡିକାଲର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କ ସାହାଯ୍ୟରେ ଏହି ଏକ ଦିନ ବ୍ୟାପୀ ଶିବିରଟି ସାଫଲ୍ୟ ମଣ୍ଡିତ ହୋଇଥିଲା । ପରିଶେଷରେ ମାନ୍ୟଗନ୍ୟ ଅତିଥିମାନଙ୍କୁ ଇଂରାଜୀ ଅଧାପକ ଡକ୍ଟର ନଳିନୀ କାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର କର୍ମରତ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇ ଡାକ୍ତରୀ ପରାମର୍ଶ ସହ ଉନ୍ନତ ପଥି ଓ ଟୀକା ପ୍ରଦାନ କରାଯାଇଥିଲା ।

# ସ୍ୱର୍ଣ୍ଣଚୂଡ଼ ଯୁବମହୋତ୍ସବ ସିଜିନ-୪ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ



ନୀଳଗିରି(ନିପ୍ର): ନୀଳଗିରି ସହରର ମଧସ୍ଥଳରେ ଥିବା କେ.ସି. ହାଇସ୍କୁଲ ପଡ଼ିଆରେ ସ୍ୱର୍ଣ୍ଣଚୁଡ ଯୁବମହୋତ୍ସବ ସିଜିନ - ୪ ଉଦ୍‌ଘାଟନୀ ଦିବସ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମହାରୁଦ୍ରମ୍ ଏକ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଣ୍ଣଚୁଡ ଯୁବମହୋତ୍ସବ କମିଟିର ସଭାପତି ସବ୍ୟସାଚୀ ମହାପାତ୍ର ଓ ସମ୍ପାଦକ ଚିନ୍ମୟଶରଣ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଓ ନୀଳଗିରି ସତ୍ୟସାଇ ସେବାସମିତି ଅନୁକୁଲ୍ୟରେ ଏହି ମହାରୁଦ୍ରମ୍ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ଓଁ କାରମ, ସୁପ୍ରଭାତମ୍ ଓ ନଗରସଙ୍କୀର୍ତନ ପରେ ଶ୍ରୀ ମହାରୁଦ୍ରମ୍ ପାଇଁ କାର୍ଯ୍ୟକ୍ରମ ଆରମ୍ଭହୋଇଥିଲା । ଏଥିରେ ରାଜ୍ୟ ଆଧାତ୍ମିକ ସଂଯୋଜକ ବିଭୁଦତ ପାତ୍ର, ବାଲେଶ୍ୱର ସତ୍ୟସାଇ ସେବାସମିତିର ସଭାପତି ସୁକାନ୍ତ କିଶୋର ଦାସ, ସମିତି ଆବାହକ ବସନ୍ତ କୁମାର ପୃଷ୍ଟି, ଜିଲ୍ଲା ବେଦସଂଯୋଜକ ଶୈଳେନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ବେଦ ସଂଯୋଜିକା ରଶ୍ମୀରେଖା ବାରିକ ପ୍ରମୁଖ ଶ୍ରୀ ମହାରୁଦ୍ରମ କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ସାଇଜିଲ୍ଲାରୁ ବିଭିନ୍ନ ସତ୍ୟସାଇ ସେବାସମିତି ଯଥା - ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିକିଡିଆ, ଉଦଳା, ଜୁଣିଆ, ଚିତ୍ରଡ଼ା ଓ ଭଦ୍ରକ ସେବାସମିତିରୁ ବହୁସଂଖ୍ୟକ ସାଇଭକ୍ତ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୮୦ ଜଣ ମହିଳା ବେଦପାଠିନୀ ଏବଂ ୧୫୦ରୁ ଉର୍ଦ୍ଧ ସାଇସେବକ ଭାଇମାନେ ଅଂଶଗ୍ରହଣ କରି ବେଦପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉଲ୍ଲାସ କୁମାର ମହାନ୍ତି, ସୁଶାନ୍ତ କୁମାର ମହାପାତ୍ର, ଚିତରଞ୍ଜନ ନାୟକ, ଚିତରଞ୍ଜନ ବାରିକ, ବିନୟ କୁମାର ପ୍ରଧାନ, କାହ୍ନୁଚରଣ ନନ୍ଦୀ, ଦୀପକ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ଖୋଲାମଂରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଆନୁଷ୍ଠାନିକ ଉଦ୍ଘାଟନ କରିଥିବା ବେଳେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇ ସିମ୍ଫୋନି ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

# ବିଦ୍ୟାଳୟକୁ ପୁସ୍ତକ ଦାନକଲେ ଲେଖିକା ସୁଚରିତା ମହାନ୍ତି

ବାରିପଦା(ନିପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଠାଗାରକୁ ନିଜ ଲିଖିତ ୫୦ ଶିଶୁ କବିତା ପୁସ୍ତକ 'କଅଁଳ କଢ଼ି' ଦାନ କରିଛନ୍ତି ଓ କବି, ଗାଳ୍ପିକା ସୁଚରିତା ମହାନ୍ତି ଏହି ପୁସ୍ତକ ପ୍ରଦାନ କରି ତାଙ୍କର ଛାତ୍ରଛାତ୍ରୀ ମାନଙ୍କୁ ବହି ପଢିବା ପାଇଁ ଉତ୍ସାହିତ କରିଛନ୍ତି ଓ ଛୋଟ ଛୋଟ ପିଲାମାନେ କଅଁଳ କଢ଼ି ସଦୃଶ୍ୟ । ସେମାନେ କିପରି ପାଠ ପଢ଼ାରେ ମନଦେଇ ଭବିଷ୍ୟତରେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିବେ ସେ ବିଷୟରେ ଶ୍ରୀମତୀ ମହାନ୍ତି ପିଲାମାନଙ୍କୁ ବୁଝାଇଥିଲେ ଓ ଅତି ଅଳ୍ପ ବୟସରୁ ପିଲାମାନେ ମୋବାଇଲ ସହିତ ଏତେମାତ୍ରାରେ ଜଡିତ ହୋଇଯାଇଛନ୍ତି ଯେ ସେମାନେ ବହି ପଢିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ଓ ତେଣୁ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରେଇରଖିବା ସହ କବିତା ଓ ଗଳ୍ପ ବହି ପଢିବା ପାଇଁ ଉତ୍ସାହିତ କରିବାକୁ ସେ ଶିକ୍ଷକ/ ଶିକ୍ଷୟତ୍ରୀ ଓ ଅବିଭାବକ ମାନଙ୍କୁ ଅନୁରୋଧ କରିଥିଲେ । ବହିର ବିକଳ୍ପ କେବେ ମୋବାଇଲ ହୋଇପାରିବ ନାହିଁ ସେ ପ୍ରକାଶ କରିଥିଲେ । ପ୍ରକାଶ ଥାଉକି ପୂର୍ବବର୍ଷ ମାନଙ୍କରେ ସେ ନିଜ ଉଦ୍ୟମରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଗଛ ଲଗାଇ ଛାତ୍ରଛାତ୍ରୀମାନଙ୍କୁ ସେଗୁଡିକର ଯତ୍ନ ନେବା ପାଇଁ ମଧ ଉତ୍ସାହିତ କରିଥିଲେ ।

# ପୂଜ୍ୟପୂଜା ଓ ବିକାଶ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ମଣ ନାୟକଙ୍କ ୮୪ତମ ଶହିଦ ଦିବସ ପାଳନ



ବ୍ରହ୍ମପୁର(ନିପ୍ର): ମାନବ ଅଧିକାର ସୁରକ୍ଷା ମଂଚର ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ଓ 'ବିକାଶ' ସାମାଜିକ ଅନୁଷ୍ଠାନ ପକ୍ଷରୁ ଆଜି ବୀର ଶହିଦ ଲକ୍ଷ୍ମଣ ନାୟକଙ୍କ ୮୪ତମ ଶହିଦ ଦିବସକୁ ଯଥା ମର୍ଯ୍ୟାଦାର ସହିତ ପାଳନ କରାଯାଇଛି । ସ୍ଥାନୀୟ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ତାଙ୍କ ପ୍ରତିମୂର୍ତି ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଭାନେତ୍ରୀ କୁନି କୁମାରୀ ଦେବୀ ଓ ବିକାଶ ର ଉପ ସଭାପତି ଜ୍ୟୋତିକୃଷ୍ଣ ବେହେରା ପୃଥକ ପୃଥକ ଭାବେ ଶହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିବା ବେଳେ ମଂଚର ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଗାନ୍ଧିଜୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଲକ୍ଷ୍ମଣ ନାୟକ ଗାଁ ଗାଁରେ ଶିକ୍ଷାନୁଷ୍ଠାନ ସ୍ଥାପନ କରି ଆଦିବାସୀମାନଙ୍କ ମଧରେ ଶିକ୍ଷାର ପ୍ରଚାର କରିଥିଲେ । ସେ ସ୍ୱେଚ୍ଛାଶ୍ରମ ମାଧମରେ ଗ୍ରାମଗୁଡ଼ିକୁ ଯାତାୟାତ ସୁବିଧା ପାଇଁ ରାସ୍ତା ନିର୍ମାଣ ସହ ମଦ ଭଳି ନିଶା ଦ୍ରବ୍ୟର ପ୍ରସାର ବିରୋଧରେ ଆନ୍ଦୋଳନ ଚଳାଇଥିଲେ । ଅନ୍ଧ ବିଶ୍ୱାସ, କୁସଂସ୍କାର ବିରୋଧରେ ଜନ ସଚେତନତା ସୃଷ୍ଟି କରୁଥିଲେ । ଏହି ଭଳି ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟର ନେତୃତ୍ୱ ପାଇଁ ତାଙ୍କୁ "କୋରାପୁଟର ଗାନ୍ଧି" ବୋଲି ସମ୍ବୋଧନ କରାଯାଉଥିଲା । ଗାନ୍ଧିଜୀଙ୍କ ଆହ୍ୱାନରେ ସେ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାବେ ଯୋଗଦେଇଥିଲେ । ସମଗ୍ର ଅବିଭକ୍ତ କୋରାପୁଟ ଜିଲ୍ଲାରେ ଲକ୍ଷ୍ମଣ ନାୟକ ପ୍ରଜା ମେଳି ବାନ୍ଧି ବ୍ରିଟିଶ ସରକାର ବିରୋଧରେ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିଥଲେ । ଯାହାଫଳରେ ବ୍ରିଟିଶ ଶାସକମାନେ ଷଡ଼ଯନ୍ତ୍ରମୂଳକ ଭାବେ ତାଙ୍କ ବିରୋଧରେ ମିଥ୍ୟା ହତ୍ୟା ମାମଲା ରୁଜୁ କରି ତାଙ୍କୁ ଫାଶୀ ଦେଇଥିଲା । ସେହି ସମୟର ଦ ମନମୂଳକ ଶାସନ ପରି ଆଜି ବି ଯେକୌଣସି ଜନବିରୋଧୀ ବ୍ୟବସ୍ଥା ବିରୋଧରେ ସଚେତନ ଓ ସଂଘଟିତ ଜନଆନ୍ଦୋଳନ ଅତ୍ୟାବଶ୍ୟକ ବୋଲି ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ସଭାରେ ବିକାଶର ସାଧାରଣ ସମ୍ପାଦକ ରବି ନାରାୟଣ ବେହେରା, ସମାଜ ସେବୀ ଗୁଣନିଧି ବେହେରା, ମଣ୍ଡଳ ଶଶୀ, ମାନବ ଅଧିକାର ସୁରକ୍ଷା ମଂଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ସୁରେନ୍ଦ୍ରନାଥ ପଣ୍ଡା, ହରିକୃଷ୍ଣ ବେହେରା, ମେଘନାଦ ବେହେରା, ସତ୍ୟବାନ ବେହେରା, ଏମ ଏସ ମଲ୍ଲିକ, ବିରେନ୍ କୁମାର ବେହେରା, ଏସ.ସାମ୍ବସିବା ରାଓ, ତ୍ରିବେଣୀ ବେହେରା, ମହମ୍ମଦ ଆସଲମ୍, ପ୍ରଦୀପ କୁମାର ସେଠି, କାହ୍ନୁ ଚରଣ ପାତ୍ର, ଅଶୋକ କୁମାର ଦଳାଇ, ପ୍ରଧାନ ଶିକ୍ଷୟିତ୍ରୀ ଜି. ଗୌରୀ ରେଡୀ, ଶିକ୍ଷୟିତ୍ରୀ ସବିତା ପଣ୍ଡା, ସନ୍ଧ୍ୟାରାଣୀ ବେହେରା, ସବିତା ଚୌଧୁରୀ, ସୂର୍ଯ୍ୟ ନାରାୟଣ ଶତପଥି, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ କ୍ରୀଡା ଶିକ୍ଷକ କେଦାର ଚୌଧୁରୀ, ବିଦ୍ୟାଳୟର କର୍ମଚାରୀ ଓ ପିଲାମାନେ ପ୍ରମୁଖ ଉପସ୍ଥିତ ଥିଲେ ।

# କଙ୍ଗାରୁକୋର୍ଟ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ

ଯାଜପୁର(ନିପ୍ର): ଯାଜପୁର ସଦର ଥାନା ଅଂଚଳରେ ହୋଇଥିବା କଙ୍ଗାରୁକୋର୍ଟ ଘଟଣାରେ ପୁଲିସ୍‌ର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଅଛି । ଏହି ଘଟଣାରେ ପୁଲିସ ମାତ୍ର ୩ଜଣଙ୍କୁ ଗିରଫ କରି ନିଜର ଦାୟିତ୍ୱ ସାରିଦେଇଛି ବୋଲି ଯାଜପୁର ସହର ଶାନ୍ତିମଣ୍ଡପ ଠାରେ ଏକ ଖବରଦାତା ସମ୍ମିଳନୀ କରି ବିଭିନ୍ନ ସଂଗଠନର ସଭ୍ୟମାନେ ଅଭିଯୋଗ କରିଛନ୍ତି । ଗତ ୪ତାରିଖ ଦିନ ମହେଶ୍ୱରପୁର ଗ୍ରାମରେ ଏକ ବାଇକ୍ ଚୋରୀକୁ ନେଇ ସନ୍ଦେହ ଘଟଣାରେ ସେହି ଗ୍ରାମର ରାଜେନ୍ଦ୍ର ମହାରଣା, କଂଟାବଣିଆ ଗ୍ରାମର ଦେବାଶିଷ ମଲିକକୁ ପୁଲିସ ଉଠାଇ ନେଇ ହାତଗୋଡ ବାନ୍ଧି ମାଡମାରି କଙ୍ଗାରୁକୋର୍ଟ କରିଥିଲା । ମାଡ ଖାଇଥିବା ବ୍ୟକ୍ତିମାନଙ୍କ ପରିବାର ଲୋକଙ୍କୁ ସଦର ପୁଲିସ ନ୍ୟାୟ ଦେବା ବଦଳରେ ଅତି ଅମାନୁସିକ ଭାବେ ୨/୩ ଦିନ ଥାନାରେ ଅଟକ ରଖି ଥାର୍ଡ ଡିଗ୍ରୀ ଦେବା ସହ ଶାରିରୀକ ଓ ମାନସିକ ଯନ୍ତ୍ରଣା ଦେଇଥିଲେ । ଏହି ଘଟଣାକୁ ଗତ ୯ ତାରିଖ ଦିନ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଙ୍କ ସମେତ ଜିଲାପାଳ ଓ ଏସ୍.ପି ଙ୍କୁ ଅଭିଯୋଗ କରି କଙ୍ଗାରୁକୋର୍ଟ କରିଥିବା ଶତାଧିକ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରାଯାଇଥିଲା । ପୁଲିସ କଙ୍ଗାରୁ କୋର୍ଟ କରିଥିବା ବ୍ୟକ୍ତି ବିଶେଷଙ୍କୁ ଗିରଫ ନକଲେ ଏବଂ ୩ ଦିନ ଧରି ପୁଲିସ ହେପାଜତ୍‌ରେ ରଖି ନିର୍ଯ୍ୟାତନା ଦେଇଥବା ଥାନା ଅଧିକାରୀ ଏବଂ ଅନ୍ୟ ପୁଲିସ୍ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆସନ୍ତା ୩୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ସଂଗଠନର ସଭ୍ୟମାନେ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଯାଜପୁରର ବହୁଜନ, ଗଣତାନ୍ତ୍ରିକ ସଂଗଠନ ସମୁହ, ମୁଳନିବାସୀ, ଛାତ୍ର ଓ ଯୁବ ସାମୁଖ୍ୟ, ଭୀମ୍ ଆର୍ମୀ, ସାନ୍ତାଳ ସମାଜ, ବିଶ୍ରାବିଗ୍ରେଡ୍, ବହୁଜନସମାଜ ପାର୍ଟି, ଆମ୍ବେଦକର ଫାଉଣ୍ଡେସନ୍‌ଙ୍କ ସମେତ ବହୁ ସଂଗଠନର ବ୍ୟକ୍ତିବିଶେଷ ମାନେ ଯୋଗଦେଇଥିଲେ ।

## ବାର୍ ଆସୋସିଏସନ୍ ନିର୍ବାଚନରେ ବିଜୟୀ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ବାର୍ ଆସୋସିଏସନ୍ ନିର୍ବାଚନଗୁଡ଼ିକରେ ବିଜୟଲାଭ କରିଥିବା ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସରେ ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପରିଚାଳିତ ବାର୍ ଆସୋସିଏସନ୍ ନିର୍ବାଚନଗୁଡ଼ିକରେ ବିଜୟଲାଭ କରିଥିବା ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନ୍ୟାୟପାଳିକା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଏବଂ ଆଇନଜୀବୀମାନେ ହେଉଛନ୍ତି ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବାର ପ୍ରମୁଖ ସାରଥି । ମୋର ଦୃଢ଼ ବିଶ୍ୱାସ ଯେ, ଆପଣମାନଙ୍କ ନେତୃତ୍ୱରେ ଆଇନଜୀବୀ ସମାଜର ଉନ୍ନତି ହେବା ସହ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଆପଣମାନେ ନିଷ୍ଠାର ସହ କାର୍ଯ୍ୟ କରିବେ ।




ଦେବାଶିଷ ଆଚାର୍ଯ୍ୟ
(ଲିଟିଲ୍) ର
୨୫ତମ ଜନ୍ମଦିନ ଉପଲକ୍ଷେ ମା', ବାପା, ମାମୁନି ନାନୀ, ଖୁଲୋନା ଓ 'ଆଜିକାଲି' ପରିବାର ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ।









# କେରଳର ତ୍ରିସୁରରେ ନିର୍ବାଚନୀ ପ୍ରଚାର ଏବଂ ରୋଡ଼ସୋ କଲେ ପ୍ରଧାନମନ୍ତ୍ରୀ



ତିରୁଅନନ୍ତପୁରମ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର କେରଳରେ ବିଜେପି ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । ପଲକ୍କଡ଼ରେ ରାଲି ପରେ ପ୍ରଧାନମନ୍ତ୍ରୀ ତ୍ରିଶୂରରେ ପହଂଚି ଥିଲେ । ପ୍ରଧାନମନ୍ତ୍ରୀ ତ୍ରିଶୂରରେ ୩୪ ମିନିଟ ଧରି ରୋଡ ଶୋ' କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ରାସ୍ତାର ଦୁଇପାର୍ଶ୍ୱରେ ଲୋକଙ୍କ ଭିଡ଼ ଲାଗି ରହିଥିଲା । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ପଲକ୍କଡଠାରେ ଏକ ରାଲିରେ କହିଥିଲେ, ଦଶନ୍ଧି ଧରି କେରଳ ସ୍ୱାର୍ଥାନ୍ୱେଶୀ ରାଜନୀତିର ଦୁଇଟି ମୁଖା ଭିତରେ ଫସି ରହିଛି । ଗୋଟିଏ ପଟେ ଏଲଡିଏଫ୍ ଓ ଅନ୍ୟପଟେ ୟୁଡିଏଫ୍ ରହିଛି । ଗୋଟିଏ ପଟେ କମ୍ୟୁନିଷ୍ଟ ଓ ଅନ୍ୟପଟେ କଂଗ୍ରେସ । ଜଣେ ଦୁର୍ନୀତିଗ୍ରସ୍ତ ଓ ଅନ୍ୟ ଜଣେ ମହା ଦୁର୍ନୀତିଗ୍ରସ୍ତ । ଜଣେ ସାମ୍ପ୍ରଦାୟିକ ଓ ଅନ୍ୟ ଜଣେ ମହାସାମ୍ପ୍ରଦାୟିକ । ଏଲଡିଏଫ୍ ଓ ୟୁଡିଏଫ୍‌ର ସମସ୍ତ ନୀତି କେବଳ ଭୋଟବ୍ୟାଙ୍କ ରାଜନୀତି ଉପରେ ଆଧାରିତ । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦୁର୍ନୀତିଗ୍ରସ୍ତ ଦୁଇ ଦଳ ବିଜେପିକୁ ଡରନ୍ତି । ଯଦି ଆମେ ଶାସନକୁ ଆସିଯିବୁ ଏମାନଙ୍କ ସମସ୍ତ କଳା କାରନାମା ପଦାରେ ପଡ଼ିଯିବ । ସୂଚନାଯୋଗ୍ୟ, କେରଳରେ ଆସନ୍ତା ଏପ୍ରିଲ ୯ ତାରିଖରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।

# ପ୍ରଗତିଶୀଳ ସମାଜ ପାଇଁ ମୂଲ୍ୟବୋଧଭିତିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ : ରାଜ୍ୟପାଳ




ଭୁବନେଶ୍ୱର: ଏକ ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧଭିତିକ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମାନ୍ୟବର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି କହିଛନ୍ତି । ରବିବାର, ଭୁବନେଶ୍ୱର ସ୍ଥିତ ରାମକୃଷ୍ଣ ମିସନର ବିବେକାନନ୍ଦ ହଲ୍ ଠାରେ ଆୟୋଜିତ 'ଶିକ୍ଷକମାନଙ୍କ ପାଇଁ ମୂଲ୍ୟବୋଧ ଭିତିକ ଶିକ୍ଷା' ସମ୍ପର୍କିତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ । ନିଜ ବକ୍ତବ୍ୟରେ ସେ କହିଥିଲେ ଯେ ଶିକ୍ଷା କେବଳ ସୂଚନା ସଂଗ୍ରହ ନୁହେଁ ବରଂ ଆନ୍ତରିକ ପୂର୍ଣ୍ଣତା, ଶକ୍ତି ଏବଂ ଚରିତ୍ରର ପରିପ୍ରକାଶ । ଗୁଣାତ୍ମକ ଶିକ୍ଷାର ଅଗ୍ରଗତି ନିମନ୍ତେ ରାମକୃଷ୍ଣ ମିସନର କାର୍ଯ୍ୟକୁ ପ୍ରଶଂସା କରି ରାଜ୍ୟପାଳ କହିଛନ୍ତି, ରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାମକୃଷ୍ଣ ମିଶନ ନିରନ୍ତର ଏକ ସନ୍ତୁଳିତ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଆସିଛି ଯାହା ବୌଦ୍ଧିକ, ନୈତିକ ଏବଂ ଆଧ୍ୟାତ୍ମିକ ଅଭିବୃଦ୍ଧିକୁ ସମନ୍ୱିତ କରିଥାଏ । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ମୂଲ୍ୟବୋଧ କେବଳ ପୁସ୍ତକରୁ ଶିକ୍ଷା ଦିଆଯିବା ଉଚିତ୍ ନୁହେଁ, ବରଂ ଦୈନନ୍ଦିନ ଜୀବନରେ ବଂଚିବା ଏବଂ ଅଭିଜ୍ଞତା ହାସଲ କରିବା ଉପରେ ଏହା ପର୍ଯ୍ୟବେଶିତ ହେବା ଉଚିତ୍ । ଶିକ୍ଷକମାନେ ନିଜକୁ ଉନ୍ନତ କରିବା ପାଇଁ ଯତ୍ନବାନ ହେବାକୁ ରାଜ୍ୟପାଳ ଉତ୍ସାହିତ କରିଥିଲେ । ଅନୁଷ୍ଠାନଗୁଡ଼ିକ ଏପରି ଏକ ପରିବେଶ ସୃଷ୍ଟି କରିବା ଉଚିତ ଯାହା ନୀତି, ସାମାଜିକ ଦାୟିତ୍ୱ ଏବଂ ସେବା ମନୋଭାବକୁ ପ୍ରୋତ୍ସାହିତ କରିବ କ୍ଷ ପ୍ରକୃତ ଜାତୀୟ ଶକ୍ତି କେବଳ ଆର୍ଥିକ ପ୍ରଗତିରେ ନୁହେଁ ବରଂ ଏହାର ନାଗରିକଙ୍କ ଚରିତ୍ରରେ ରହିଛି ବୋଲି ରାଜ୍ୟପାଳ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ରାମକୃଷ୍ଣ ମଠ ହାଇଦ୍ରାବାଦର ସମ୍ପାଦକ ସ୍ୱାମୀ ବୋଧମୟାନନ୍ଦ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ । ରାମକୃଷ୍ଣ ମିସନର ସମ୍ପାଦକ ସ୍ୱାମୀ ଆତ୍ମପ୍ରଭାନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମକୃଷ୍ଣ ମିସନର ସଭାପତି ଡା ଚଣ୍ଡୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଏଏସ୍ ସ୍ତରରେ ଅଦଳବଦଳ



ଭୁବନେଶ୍ୱର : ଓଡ଼ିଶା ସରକାରଙ୍କୁ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ରବିବାର ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ କ୍ୟାଡରରେ ଏକ ବଡ଼ ଧରଣର ଅଦଳବଦଳ ଘୋଷଣା କରିଛି । ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଜାରି ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଆଠ ଜଣ ଓଏଏସ ଅଧିକାରୀଙ୍କୁ ସେମାନଙ୍କ ବର୍ତମାନର ପଦବୀରୁ ବିଭିନ୍ନ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ସେମାନେ ହେଲେ – ହେମସାଗର ଭୋଇ, କୁଚିଣ୍ଡା, ସମ୍ବଲପୁରଙ୍କୁ ବରଗଡ଼ର ପଦମପୁରର ଉପ-ବିଭାଗୀୟ ମାଜିଷ୍ଟ୍ରେଟ ଭାବରେ ବଦଳି କରାଯାଇଛି । ଅଶୋକ କୁମାର ଦାସ, OAS Gr.A , ଡେପୁଟି କମିଶନର, ଭୁବନେଶ୍ୱରଙ୍କୁ ବଣାଇର ସବ କଲେକ୍ଟର ଭାବରେ ବଦଳି କରାଯାଇଛି । ଦୟାସିନ୍ଧୁ ପରିଡା, OAS Gr.A, ସବ କଲେକ୍ଟର, ବାରିପଦା, ମୟୂରଭଞ୍ଜଙ୍କୁ ମୟୂରଭଞ୍ଜର କରଞ୍ଜିଆର ସବ କଲେକ୍ଟର ଭାବରେ ବଦଳି କରାଯାଇଛି । ଯଦୁମଣି ନାୟକ, OAS Gr.A , ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନବରଙ୍ଗପୁରଙ୍କୁ ଜୟପୁରର ସବ କଲେକ୍ଟର ଭାବରେ ବଦଳି କରାଯାଇଛି । ଢେଙ୍କାନାଳ ଜିଲ୍ଲା ପରିଷଦର ଅତିରିକ୍ତ ଇ.ଓ. ଆଶିଷ ରଞ୍ଜନ ସାହୁଙ୍କୁ ତାଳଚେରର ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । କଳାହାଣ୍ଡିର ଧର୍ମଗଡ଼ର ଅତିରିକ୍ତ ସବ୍ କଲେକ୍ଟର ଅଜୟ ପ୍ରକାଶ ତିର୍କିଙ୍କୁ ରାଇରଙ୍ଗପୁରର ବାମନଘାଟିରେ ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । ତିଗିରିଆର ବିଡିଓ ମନୋସ୍ୱିନୀ ଦାସଙ୍କୁ କଟକ ବାଙ୍କିର ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । ଭୁବନେଶ୍ୱରର ଇଡକୋର ଭୂମି ଅଧିକାରୀ ସ୍ମୃତି ରଞ୍ଜନ ମଲ୍ଲିକଙ୍କୁ ଭଦ୍ରକର ଅତିରିକ୍ତ ସବ୍ କଲେକ୍ଟର ଭାବରେ ବଦଳି କରାଯାଇଛି । ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସେମାନଙ୍କର ବର୍ତମାନର ପଦବୀରୁ ମୁକ୍ତ କରାଯାଇଛି । ସେମାନଙ୍କୁ ଯୋଗଦାନ ସମୟ ପାଇବା ବିନା ତୁରନ୍ତ ନୂତନ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ଏହି ବଦଳି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଜ୍ଞପ୍ତିର ନକଲଗୁଡ଼ିକ ସମ୍ପୃକ୍ତ ବିଭାଗଗୁଡ଼ିକୁ ପଠାଯାଇଛି ।

# ଭାରତରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଡିଜେଲ୍ ଉପଲବ୍ଧ : ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ

ଭୁବନେଶ୍ୱର : ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ, ଭାରତ ସରକାର ଅତ୍ୟାବଶ୍ୟକ କ୍ଷେତ୍ରଗୁଡ଼ିକରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ନିରନ୍ତର ସତର୍କତା ବଜାୟ ରଖିଛନ୍ତି ଏବଂ ଉପଯୁକ୍ତ ପ୍ରସ୍ତୁତି ଏବଂ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ପ୍ରୟାସଗୁଡ଼ିକର ମୂଳ ଉଦ୍ଦେଶ୍ୟ ହେଉଛି ନିରବଚ୍ଛିନ୍ନ ଶକ୍ତି ଯୋଗାଣ ବଜାୟ ରଖିବା, ସାମୁଦ୍ରିକ କାର୍ଯ୍ୟକଳାପକୁ ସୁରକ୍ଷିତ ରଖିବା ଏବଂ ଏହି ଅଂଚଳରେ ଭାରତୀୟ ନାଗରିକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା । ଉର୍ଜ୍ଜା ଯୋଗାଣ ଓ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସରକାର ବିଶେଷ ପଦକ୍ଷେପ ଗ୍ରହଣ କରୁଛନ୍ତି । ହର୍ମୁଜ ପ୍ରଣାଳୀ ବନ୍ଦ ଥିବାବେଳେ ସରକାର ଦେଶରେ ପେଟ୍ରୋଲିୟମ ଉତ୍ପାଦ ଓ ଏଲପିଜିର ଅବିରତ ଯୋଗାଣ ସୁନିଶ୍ଚିତ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ସର୍ବଶେଷ ସୂଚନା ଅନୁସାରେ ଦେଶର ସମସ୍ତ ରିଫାଇନାରୀ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛି, ଏବଂ



ପର୍ଯ୍ୟାପ୍ତ ପରିମାଣରେ ଅଶୋଧିତ ତୈଳ ଭଣ୍ଡାର ଉପଲବ୍ଧ ରହିଛି । ଦେଶ ଭିତରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଏବଂ ଡିଜେଲ ଷ୍ଟକ୍ ରଖାଯାଇଛି । ସେହିପରି ଘରୋଇ ବ୍ୟବହାର ଆବଶ୍ୟକତା ପୂରଣ କରିବା ପାଇଁ ରିଫାଇନାରୀରୁ ଏଲପିଜି ଉତ୍ପାଦନ ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ଦେଶର ସବୁ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକ ସ୍ୱାଭାବିକଭାବେ ଚାଲିଛି । ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଲିଟର ପିଛା ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି । ଆହୁରି ମଧ୍ୟ ଏହା ବ୍ୟତୀତ, ଘରୋଇ ବଜାରରେ ଏହି ଉତ୍ପାଦଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ, ଭାରତ ସରକାର ଡିଜେଲ ଉପରେ ଲିଟର ପିଛା ୨୧.୫ ଟଙ୍କା ଏବଂ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ) ଉପରେ ଲିଟର ପିଛା ୨୯.୫ ଟଙ୍କା ରପ୍ତାନି ଶୁଳ୍କ ଲାଗୁ କରିଛନ୍ତି । ତେବେ ଗୁଜବ ଯୋଗୁଁ ଦେଶର କେତେକ ଖୁଚୁରା କେନ୍ଦ୍ରରେ ଅତ୍ୟଧିକ ଗହଳି ହେବା ସହ ଲୋକମାନେ ଆତଙ୍କରେ ଅଧିକ କିଣୁଥିବା ଦେଖାଯାଇଛି । ଏଠାରେ ଏହା ସ୍ପଷ୍ଟ କରାଯାଉଛି ଯେ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ଅଛି ଓ ଲୋକମାନେ ଗୁଜବ ପ୍ରତି ବିଶ୍ୱାସ ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି । ପଶ୍ଚିମଏସିଆ ପରିସ୍ଥିତି ଯୋଗୁଁ ଦେଶରେ ଏଲପିଜି ଯୋଗାଣ ପ୍ରଭାବିତ ହୋଇଛି । କିନ୍ତୁ ଏଠାରେ ସ୍ପଷ୍ଟ କରାଯାଉଛି ଯେ ଘରୋଇ ଏଲପିଜି ସିଲିଣ୍ଡରର ଡେଲିଭରି ସ୍ୱାଭାବିକ ଭାବରେ ଚାଲିଛି । ଏଲପିଜି ବିତରକମାନଙ୍କ ମଧ୍ୟରେ ଯୋଗାଣରେ କୌଣସି ଅଭାବ ଥିବାର କୌଣସି ସୂଚନା ନାହିଁ । ମାର୍ଚ୍ଚ ୨୮ରେ ଅନଲାଇନ୍ ଏଲପିଜି ସିଲିଣ୍ଡର ବୁକିଂରେ ୯୪ ପ୍ରତିଶତ ବୃଦ୍ଧି ଘଟିଛି । ବିତରକ ସ୍ତରରେ ଭୁଲ କାର୍ଯ୍ୟକୁ ରୋକିବା ପାଇଁ, ଡେଲିଭରି ଅଥେ[କେସନ୍ କୋଡ୍ (ଡିଏସି) ଆଧାରିତ ଡେଲିଭରି ଫେବ୍ରୁଆରୀରେ ୫୩ ପ୍ରତିଶତ ଥିଲାବେଳେ ଏବେ ତାହା ୮୪ ପ୍ରତିଶତକୁ ବୃଦ୍ଧି ପାଇଛି ।

# ଗ୍ରାମୀଣ ରୋଜଗାରର ଶକ୍ତି ହେଉଛି ଖଦି ଓ ଗ୍ରାମୋଦ୍ୟୋଗ : ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର : ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ପାଇଁ ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି । ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ବ୍ୟବହାର ହେଲେ ଏହି କ୍ଷେତ୍ର ସଶକ୍ତ ହୋଇପାରିବ । ତେଣୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଖଦି ବସ୍ତ୍ର ପିନ୍ଧିବାକୁ ମାନ୍ୟବର ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିବେଦନ କରିଛନ୍ତି । ସ୍ଥାନୀୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟାଳୟଠାରେ ଆୟୋଜିତ ୭ ଦିନିଆ "ଓଡ଼ିଶା ଖଦି ମେଳା – ୨୦୨୬"ର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ ଖଦିର ପ୍ରଚାର ପ୍ରସାର ପାଇଁ ଡିଜିଟାଲ ମାର୍କେଟିଂ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ଏହା ସହ ଯୁବ ପିଢିଙ୍କୁ ଆକୃଷ୍ଟ କରିବା ପାଇଁ ନୂଆ ନୂଆ ଡିଜାଇନ୍ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି । ସୂଚନାଯୋଗ୍ୟ, ଚଳିତ ଖଦି




ମେଳାରେ ବୁଣାକାର ଓ କାରିଗରଙ୍କ ମଧ୍ୟରେ ଇ-କମର୍ସ ଉପରେ ସଚେତନତା ସୃଷ୍ଟି କରାଯିବା ସହ ୫୦ ଗୋଟି କାରିଗର ଓ ବୁଣାକାର ଗୋଷ୍ଠୀଙ୍କୁ ଓପନ୍ ନେଟୱାର୍କ ଫର୍ ଡିଜିଟାଲ୍ କମର୍ସ (ଓଏନଡିସି) ପ୍ଲାଟଫର୍ମ ସହ ସଂଯୋଗ କରାଯାଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ସଚିବ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂ, ବୋର୍ଡ଼ର ଡକ୍ଟର ଅରୁନ୍ଧତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତଥର ମୋଟ୍ ୭୫ଟି ଷ୍ଟଲ୍ ଖୋଲାଯାଇଥିଲା । ଓଡ଼ିଶା ସହ ତେଲେଙ୍ଗାନା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ ରାଜ୍ୟର ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରାୟ ୧,୨୦,୦୦୦୦୦/- ( ଏକ କୋଟି କୋଡିଏ ଲକ୍ଷ) ଟଙ୍କାର ବ୍ୟବସାୟ ହୋଇଛି । ଯାଜପୁରର ବାପୁଜୀ ଖଦି ସେବା ସଂଘ, ଖୋର୍ଦ୍ଧାର ମା' ଦୁର୍ଗା ଗ୍ରାମ୍ୟ ଶିଳ୍ପ ସମିତି ଏବଂ ରେଶମ ଓଡ଼ିଶା ଶ୍ରେଷ୍ଠ ଷ୍ଟଲ ବର୍ଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ ।

# ଆଇପିଏଲ - ୨୦୨୬ : ମୁମ୍ବାଇ ଆଗରେ ୨୨୧ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା କୋଲକାତା

ମୁମ୍ବାଇ: ଇଣ୍ଡିଅନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୯ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯାଉଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଏହି ମୁକାବିଲା ହୋଇଛି । ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତି ନେଲା ପରେ କୋଲକାତା ବ୍ୟାଟିଂ କରିବାକୁ ଆସିଥିଲା । ଅତିଥି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୨୦ ରନ୍ ସଂଗ୍ରହ କରିଛି । ଫଳରେ ଘରୋଇ ଦଳକୁ ଏହି ମ୍ୟାଚ୍ ବିଜୟ ପାଇଁ ୨୨୧ ରନ୍‌ର ଟାର୍ଗେଟ୍ ମିଳିଛି । ଯେତେବେଳେ ନେଟ୍ ରନ୍ ହାର କ୍ରମାଗତ ଭାବରେ ହ୍ରାସ ପାଉଥିଲା ଏବଂ କୋଲକାତା ଉପରେ ଚାପ ବଢୁଥିଲା ଏହି ସମୟରେ ରହାଣେଙ୍କୁ ଆଉଟ୍ ହୋଇଥିଲେ । ରହାଣେଙ୍କୁ ଶାର୍ଦ୍ଦୁଳ ଠାକୁର ଆଉଟ୍ କରିଥିଲେ । ରହାଣେ ୪୦ଟି ବଲ୍ ଖେଳି ୩ଟି ଚୌକା ଏବଂ ୫ଟି ଛକା ବଳରେ ୬୭ ରନ୍ କରିଥିଲେ ।




କୋଲକାତା ତୃତୀୟ ୱିକେଟ୍ ସୁଦ୍ଧା ୧୪୫ ରନ୍ ସଂଗ୍ରହ କରିଥିଲା । ରାହାଣେଙ୍କ ପୂର୍ବରୁ ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା କ୍ୟାମେରନ୍ ଗ୍ରିନ୍ ଆଉଟ୍ ହୋଇଥିଲେ । ସେ ବଲ୍ ?କୁ ଅଫ୍ ସାଇଡ୍ ଖେଳି ଶେରଫେନ୍ ରଥରଫୋର୍ଡଙ୍କ ହାତରେ କ୍ୟାଚ୍ ହୋଇଥିଲେ । ଗ୍ରିନ୍ ୧୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୧୮ ରନ୍‌ସଂଗ୍ରହ କରିଥିଲେ । ପାୱାରପ୍ଲେ ସମୟରେ କୋଲକାତା ନାଇଟ୍ ରାଇଡର୍ସକୁ ଭଲ ବ୍ୟାଟିଂ କରିଥିଲା । ଜିଙ୍କ୍ୟ ରହାଣେ ଏବଂ ଫିନ୍ ଆଲେନ୍ ୬୯ ରନ୍‌ର ଭାଗୀଦାରୀ ସହିତ ଦଳକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ । ଫିନ୍ ଆଲେନ୍ ୩୭ ରନ୍ କରିଥିଲେ । ପାୱାରପ୍ଲେର ଶେଷ ଓଭରର ଦ୍ୱିତୀୟ ବଲ୍‌ରେ ଫିନ୍ ଆଲେନ୍ ଏକ ବଡ଼ ସଟ୍ ମାରିବାକୁ ଚେଷ୍ଟା କରିଥିଲେ ।

# ଆମେରିକା ଟି-୨୦ ଲିଗ୍‌ରେ ଖେଳିବେ ଅଶ୍ୱିନ



ନୂଆଦିଲ୍ଲୀ: ଭାରତର ପୂର୍ବତନ ଅଫ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆମେରିକା ଟି୨୦ ଲିଗରେ ଖେଳିବେ । ମେଜର ଲିଗ କ୍ରିକେଟରେ ସେ ସ୍ୟାନ ଫ୍ରାନ୍ସିସ୍କୋ ୟୁନିକର୍ନସ ଟିମ ସହ ଚୁକ୍ତିବଦ୍ଧ ହୋଇଛନ୍ତି । ୨୦୨୪ରେ ଅଶ୍ୱୀନ ଆନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ । ଏହା ପରେ ୨୦୨୫ରେ ସେ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଖେଳିଥିଲେ । ଏହି ସିଜନ ତାଙ୍କ ପାଇଁ ସେ ଭଳି ଉତ୍ସାହଜନକ ରହି ନ ଥିଲା । ସେ ଆଇପିଏଲରୁ ମଧ୍ୟ ଅବସର ଘୋଷଣା କରିଥିଲେ । ଏବେ ସେ ଗ୍ଲୋବାଲ ଲିଗ୍ସରେ ଖେଳିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ପ୍ରଥମ ଥର ପାଇଁ ଅଶ୍ୱୀନ ଭାରତ ବାହାରେ କୌଣସି ଲିଗରେ ଖେଳିବେ । ପୂର୍ବରୁ ସେ ବିଗ ବ୍ୟାଶ ଲିଗରେ ସିଡନୀ ଥଣ୍ଡର୍ସ ସହ ଚୁକ୍ତିବଦ୍ଧ ହୋଇଥିଲେ ମଧ୍ୟ ଆଘାତ ସମସ୍ୟା ଯୋଗୁ ଖେଳି ପାରି ନ ଥିଲେ । ୨୦୨୮ ଲସ ଆଞ୍ଜେଲ୍ସ ଅଲିମ୍ପିକ୍ସ ଗେମ୍ସ ପୂର୍ବରୁ ଆମେରିକାରେ କ୍ରିକେଟ ବେଶ ଲୋକପ୍ରିୟ ହେଉଛି । ମେଜର ଲିଗ କ୍ରିକେଟରେ ଆଇପିଏଲର ୬ ମାଲିକ ୩ଟି ଟିମ ସହିତ ଜଡିତ ଅଛନ୍ତି । ସେମାନେ ହେଲେ ଏମଆଇ ନ୍ୟୁୟର୍କ, ଟେକ୍ସାସ ସୁପର କିଙ୍ଗସ ଓ ଏଲଏ ନାଇଟ ରାଇଡର୍ସ । ୧୮ ଜୁନରୁ ଏମଏଲସିର ୪ର୍ଥ ସଂସ୍କରଣ ଆରମ୍ଭ ହେବ । ଟେକ୍ସାସ, ଲସ ଆଞ୍ଜେଲ୍ସ ଓ ଓକଲାଣ୍ଡରେ ମ୍ୟାଚଗୁଡିକ ଖେଳାଯିବ । ଜୁଲାଇ ୧୮ରେ ଫାଇନାଲ ମ୍ୟାଚ ଆୟୋଜିତ ହେବ ।

# ବ୍ୟାଡମିଂଟନ : 'ଲେଟ୍ସ ସଟଲ୍ ୪.୦' ମାଷ୍ଟର୍ସ ଉଦ୍‌ଯାପିତ

## ଲେଟ୍ସ ସଟଲ୍ ୫.୦ ଜର୍ସି ଉନ୍ମୋଚିତ

ଭୁବନେଶ୍ୱର: ଓଡ଼ିଶାର ବୃହତମ ବ୍ୟାଡ୍‌ମିଂଟନ୍ ପ୍ରତିଯୋଗିତା 'ଲେଟ୍ସ ସଟଲ୍ ୪.୦'ର ଗ୍ରାଣ୍ଡ ଫାଇନାଲ୍ ''ଲେଟ୍ସ ସଟଲ୍ ୪.୦ ମାଷ୍ଟର୍ସ' ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୧୫୦ଜଣ ମାଷ୍ଟର୍ସ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସକାଳ ଅଧିବେଶନରେ ବରିଷ୍ଠ ମାଷ୍ଟର୍ସ ବର୍ଗ ଆୟୋଜିତ ହୋଇଥିଲା ବେଳେ ଅପରାହ୍ନ ଅଧିବେଶନରେ ମୁଖ୍ୟ ବର୍ଗର ଫାଇନାଲ୍ ଖେଳାଯାଇଥିଲା । ଇଷ୍ଟର୍ଣ୍ଣ ମିଡିଆ ଲିଃର ନିର୍ଦ୍ଦେଶିକା ମୋନିକା ନେୟାର ପଟ୍ଟନାୟକ, 'ସମ୍ବାଦ' ଓ 'କନକ ନ୍ୟୁଜ୍' ସଂପାଦକ ତନୟା ପଟ୍ଟନାୟକ, ଆଇଓସିଏଲ୍‌ର ଷ୍ଟେଟ୍ ହେଡ୍ କମଲ ସିଲ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ




କରିଥିଲେ । 'ସମ୍ବାଦ ଡିଜିଟାଲ' ବିଜ୍ଞାପନ ବିଭାଗର ମୁଖ୍ୟ ଲିଙ୍ଗରାଜ ଲେଙ୍କା ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଂଟନ୍ ସଂଘ ଭୁବନେଶ୍ୱର ଜିଲ୍ଲା ସଂପାଦକ ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୋନିକା ନେୟାର ପଟ୍ଟନାୟକ ଓ ତନୟା ପଟ୍ଟନାୟକଙ୍କ କରକମଳରେ ଲେଟ୍‌ସ ସଟଲ୍-୫.୦ର ଜର୍ସି ମଧ୍ୟ ଉନ୍ମୋଚିତ ହୋଇଥିଲା । ଅଭିଷେକ ମହାନ୍ତି ଉପସ୍ଥାପକ ଦାୟିତ୍ୱ ତୁଲାଇବା ସହ ସଂଯୋଜନା କରିଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ– **ନିର୍ମାଲ୍ୟ ମହାନ୍ତି**